

# ବିପ୍ଳବୀ କର୍ମୀ ମାନଙ୍କର ଆଚରଣବିଧି

## ଶିବଦାସ ଘୋଷ

# ପ୍ରକାଶକଙ୍କ କଥା

କମ୍ୟୁନିଷ୍ଟମାନଙ୍କ ଆଚରଣ ସଂକ୍ରାନ୍ତୀୟ ବିଷୟଟି ଉପରେ ଆମ ଦେଶରେ ବହୁ ବିଭ୍ରାନ୍ତି ଓ ଜଟିଳତା ସୃଷ୍ଟି ହୋଇଛି । ବିଶେଷ କରି ଆମ ଦେଶର କମ୍ୟୁନିଷ୍ଟ ନାମଧାରୀ ଦଳମାନଙ୍କର ଏହି ବିଷୟରେ କୌଣସି ସୁସ୍ପଷ୍ଟ ବକ୍ତବ୍ୟ ନଥିବା ଯୋଗୁ ଏବଂ ସେମାନଙ୍କ ଦୈନନ୍ଦିନ ଆଚରଣ ଓ କାର୍ଯ୍ୟକଳାପରେ କ୍ଷୟିଷ୍ଣୁ ବୁର୍ଜୁଆ ନୈତିକତା ଓ ଆଚରଣବିଧିର ଧରଣା ବହାରେ କୌଣସି ଉନ୍ନତ ମାନ ପ୍ରତିଫଳିତ ନ ହେବା ହେତୁ ଜନସାଧାରଣଙ୍କ ଭିତରେ କମ୍ୟୁନିଷ୍ଟ ନୈତିକତା ସମ୍ପର୍କରେ ଏକ ଭ୍ରାନ୍ତ ଧରଣା ବିରାଜ କରୁଛି ।

ଆମର ପ୍ରିୟ ନେତା ଓ ଶିକ୍ଷକ, ଦଳର ପ୍ରାଣ ପ୍ରତିଷ୍ଠାତା ସାଧାରଣ ସମ୍ପାଦକ ଏବଂ ଏ ଯୁଗର ଅନ୍ୟତମ ଶ୍ରେଷ୍ଠ ମାର୍କ୍ସବାଦୀ ଚନ୍ତାନାୟକ କମ୍ରେଡ଼ ଶିବଦାଶ ଘୋଷ ଦଳର କର୍ମୀମାନଙ୍କ ଆଚରଣବିଧି ଓ ନୀତି ନୈତିକତା ସଂକ୍ରାନ୍ତୀୟ ବିଷୟଟି ଉପରେ ଦଳ ଗଠନର ପ୍ରାରମ୍ଭରୁ ହିଁ ବିଷେଶ ଗରୁତ୍ୱ ଆରୋପ କରିଛନ୍ତି । ସେ କହୁଥିଲେ, 'କୌଣସି ଗୋଟାଏ ଦଳ ଆର୍ଦଶର ବଡ଼ବଡ଼ କଥା କହୁଛି କି ନାହିଁ, ତାହା ବଡ଼ କଥା ନୁହେଁ । ସେମାନଙ୍କ ଆଦର୍ଶ ପ୍ରକୃତରେ ବଡ଼ କି ନୁହେଁ ତାର ଏକବଡ଼ ପ୍ରମାଣ ହେଉଛି- ସେମାନଙ୍କ ନେତା, କର୍ମୀ ଓ ସମର୍ଥକ ବୃନ୍ଦ ବ୍ୟକ୍ତିଗତ ଜୀବନରେ ପ୍ରତିଦିନର ବ୍ୟବହାରରେ ଓ ରାଜନୈତିକ ଆଚରଣରେ ଉନ୍ନତ ରୁଚି ଓ ସଂସ୍କୃତିର ପ୍ରତିଫଳନ କରୁଛନ୍ତି କି ନାହିଁ, କେବଳ ଦଳର ଅଭ୍ୟନ୍ତରୀଣ କ୍ଷେତ୍ରରେ ନୁହେଁ, ଦଳ ବାହାରେ ବି ବୃହତ୍ତର ଜନସାଧାରଣଙ୍କ ଆନ୍ଦୋଳନମାନ ଗଡ଼ିତୋଳିବା କ୍ଷେତ୍ରରେ ଦଳର କର୍ମୀମାନେ ସର୍ବହରା ଶ୍ରେଣୀର ଉନ୍ନତ ଆଚରଣବିଧି ଦ୍ୱାରା ସର୍ବଦା ହିଁ ପରିଚାଳତ ହେବା ପାଇଁ ସେ ବରମ୍ବାର ନିର୍ଦ୍ଦେଶ ଦେଇଛନ୍ତି ।

ରାଜନୈତିକ ଓ ସାଙ୍ଗଠନିକ ସମସ୍ୟା ସଂକ୍ରାନ୍ତୀୟ ବା ମାର୍କ୍ସବାଦର ମୂଳ ବଷୟ ଉପରେ ଦଳର କର୍ମୀମାନଙ୍କର ଯେଉଁ ଅସଂଖ୍ୟ କ୍ଲାସ ସେ ନେଇଛନ୍ତି ବା ବିଭିନ୍ନ ବିଷୟ ଉପରେ ଜନସଭାଗୁଡ଼ିକରେ ଯେଉଁ ସବୁ ବକ୍ତୃତା ଦେଇଛନ୍ତି, ସେସବୁ ଭିତରେ ଆଚରଣବିଧି ଓ ନୀତି ନୈତିକତା ସମ୍ପର୍କିତ ବହୁ ବିଷୟ ସେ ଆଲୋଚନା କରିଛନ୍ତି । ଏତଦ୍‌ବ୍ୟତୀତ କେବଳ ଆଚରଣବିଧି ସଂକ୍ରାନ୍ତୀୟ ବିଷୟଟି ଉପରେ ୧୯୬୯ ମସିହା ୧୯ ଅଗଷ୍ଟ ଦିନ କଲିକତା ଜିଲ୍ଲାର କର୍ମୀମାନଙ୍କ ଏକ ସଭାରେ ସେ ଭାଷଣ ଦେଇଥିଲେ । ବର୍ତ୍ତମାନର ଚୂଡ଼ାନ୍ତ ପ୍ରତିକ୍ରିୟାଶୀଳ ଯୁଗରେ ଦଳ ଓ ବିପ୍ଳବ ସହ ବ୍ୟକ୍ତି ସତ୍ତାକୁ ସମ୍ପୂର୍ଣ୍ଣ ବିଲୀନ କରି ଦେବା ସଂଗ୍ରାମ ଭିତର ଦେଇ ଉନ୍ନତ କମ୍ୟୁନିଷ୍ଟ ଚରିତ୍ର ଅର୍ଜନର ଯେଉଁ ମାନଟି ସେ ସୁନିର୍ଦ୍ଦିଷ୍ଟଭାବେ ଚିହ୍ନିତ କରି ଯାଇଛନ୍ତି, ଦଳ ଓ ବିପ୍ଳବ ସହ ଏକାତ୍ମତା ଗଢ଼ିତୋଳିବାର

ସେହି ସଗ୍ରାମଟି କିଭଳି ଭାବରେ ପରିଚାଳନା କରିବାକୁ ହେବ, କୌଣସି ଗୁରୁଗମ୍ଭୀର ତତ୍ତ୍ୱର ଆଲୋଚନା ନ କରି ଅତ୍ୟନ୍ତ ସରଳଭାବେ ତାହା ଏଠି ସେ ତୋଳିଧରିଛନ୍ତି । ବକ୍ତୃତାଟି ପ୍ରଥମେ ଆମ ପାର୍ଟିର ବଙ୍ଗଳା ମୁଖପତ୍ର ଗଣଦାବୀରେ ୧୯୭୦ ମସିହା ନଭେମ୍ବର ମାସର ବିଶେଷ ସଂଖ୍ୟାରେ ପ୍ରକାଶିତ ହୋଇଥିଲା । କମ୍ୟୁନିଷ୍ଟ ଚରିତ୍ର ଆୟତ୍ତ  କରିବାର ସଂଗ୍ରାମରେ ଲିପ୍ତ କମ୍ରେଡ଼ ଶିବଦାସ ଘୋଷଙ୍କ ହଜାର ହଜାର ଅନୁଗାମୀଙ୍କ ପ୍ରବଳ ଚାହିଦା ଯୋଗୁଁ ଏହି ବକ୍ତୃତାଟିକୁ ୧୯୭୭ ମସିହା ମାର୍ଚ୍ଚ ୧୪ ତାରିଖ ଦିନ ପ୍ରଥମେ ବଙ୍ଗଳା ଭାଷାରେ ପୁସ୍ତିକା ରୂପ ଦିଆଯାଇଥିଲା । ଏହି ବକ୍ତୃତାର ଭାଷାନ୍ତର ଓଡ଼ିଶାରେ ବହୁ ଦିନରୁ ଅନୁଭୂତ ହେଉଥିଲେ ହେଁ  ବିଭିନ୍ନ ଅଭାବ- ଅସୁବିଧା ଯୋଗୁଁ ଏହା ପ୍ରକାଶିତ ହୋଇ ପାରିନଥିଲା । ପ୍ରକାଶନ ଅବଶରରେ ଆଶାକରୁ, କମ୍ରେଡ଼ ଶିବଦାସ ଘୋଷଙ୍କ ଅମୂଲ୍ୟ ଚିନ୍ତାକୁ ପାଥେୟ କରି ସର୍ବହରାର ଏକମାତ୍ର ସାମ୍ୟବାଦୀ ଦଳ ଏସ୍.ୟୁ.ସି.ଆଇ(କମ୍ୟୁନିଷ୍ଟ)କୁ ଶକ୍ତିଶାଳୀ କରିବାର ସଂଗ୍ରାମରେ ନିୟୋଜିତ ଓଡ଼ିଶାର ଶହଶହ କର୍ମୀ କମ୍ରେଡ ଘୋଷ ଆମ ଉପରେ ନ୍ୟସ୍ତ କରିଯାଇଥିବା ଐତିହାକ ଦାୟିତ୍ୱକୁ ସଠିକ୍‌ଭାବେ ପାଳନ କରିବା ପାଇଁ କମ୍ୟୁନିଷ୍ଟ ଚରିତ୍ର ଓ ଆଚରଣବିଧି ସଂକ୍ରାନ୍ତୀୟ ପ୍ରଶ୍ନଗୁଡ଼ିକୁ ବ୍ୟକ୍ତିଗତ ଜୀବନରେ ସର୍ବାଗ୍ରେ ପ୍ରାଧାନ୍ୟ ଦେବେ ଏବଂ ବୃହତ୍ତର ଜନସାଧାରଣଙ୍କ ଭିତରକୁ ଜୀବନ୍ତଭାବେ ଏହି ଉନ୍ନତ ନୀତି ନୈତିକତାର ଧାରଣାଗୁଡ଼ିକୁ ବହନକରି ନେଇଯିବେ ।  ଓଡ଼ିଶାର ମେହନତୀ ଜନସାଧାରଣ ଓ ପରିବର୍ତ୍ତନମୁଖୀ ଛାତ୍ର, ଯୁବକ ଓ ବୁଦ୍ଧିଜୀବୀମାନଙ୍କୁ ନିବେଦନ ଦେଶର ଏହି ଚୂଡ଼ାନ୍ତ ସଂକଟମୟ ପରିସ୍ଥିତିରେ ସର୍ବଗ୍ରାସୀ ସାଂସ୍କୃତିକ ଅଧଃପତନ ହାତରୁ ଦେଶକୁ ଓ ସଭ୍ୟତାକୁ ରକ୍ଷା କରିବାକୁ ହେଲେ ସାମାଜିକ ଜୀବନରେ ଉନ୍ନତ ନୀତି ନୈତିକତାର ପ୍ରଶ୍ନଗୁଡ଼ିକୁ ଗୁରୁତ୍ୱ ସହକାରେ ଅନୁଶୀଳନ କରିବା ଅତ୍ୟନ୍ତ ଜରୁରୀ ।

ଏହି ପୁସ୍ତିକାଟିର ଓଡ଼ିଆ ଭାଷାରେ ପ୍ରଥମ ଓ ଦିତୀୟ ମୂଦ୍ରଣ ବହୁ ଦିନରୁ ଶେଷ ହୋଇଯାଇଛି ଏବଂ ବିଭିନ୍ନ ମହଲରୁ ଏହାର ପୁନଃ ମୂଦ୍ରଣ ପାଇଁ ପାରମ୍ବାର ଅନୁରୋଧ ଆସିଛି । ସେହି ଅନୁରୋଧ ତଥା ପାର୍ଟିର ସାମ୍ପ୍ରତିକ ପ୍ରୟୋଜନକୁ ବିଚାରକୁ ନେଇ ଅମେ ତୃତୀୟ ମୁଦ୍ରଣ ପ୍ରକାଶ କରୁଛୁ । ସମସ୍ତ ସତର୍କତା ସତ୍ତ୍ୱେ ମଧ ଏଥିରେ ଥିବା  ଅନୁବାଦ ଓ ମୁଦ୍ରଣ ଜନିତ ତ୍ରୁଟି ପାଇଁ ଆମେ ହିଁ ଦାୟୀ ।

ଏସ୍.ୟୁ.ସି.ଆଇ.(କମ୍ୟୁନିଷ୍ଟ)

ପ୍ଲଟ  ନଂ. ୬୧, ରୋଡ଼ ନଂ.୩,

ଗଙ୍ଗୋତ୍ରୀନଗର, ଶିଶୁପାଳଗଡ଼,

ଭୁବନେଶ୍ୱର-୨ ଧୂର୍ଜଟୀ ଦାସ

୧ ଏପ୍ରିଲ, ୨୦୧୦

# ବିପ୍ଳବୀ କର୍ମୀମାନଙ୍କର ଆଚରଣ ବିଧି

ଆଜିର ଏହି କର୍ମୀ ସଭାର ଆଲୋଚ୍ୟ ବିଷୟ ହେଉଛି, ଆମ ଦେଶର ଜନସାଧାରଣଙ୍କ ମଧ୍ୟରେ ବିପ୍ଳବୀ ଚେତନା, ବିପ୍ଳବୀ ସଂଗଠନ ଗଢି ତୋଳିବାକୁ ହେଲେ ଦଳର ସାଧାରଣ କର୍ମୀଙ୍କ ଠାରୁ ଆରମ୍ଭ କରି ନେତୃସ୍ଥାନୀୟ କମ୍ରେଡ ଯାଏଁ ସମସ୍ତଙ୍କର ଦଳର ଆଦର୍ଶ ସହ ସଂଗତି ରଖି ସାମଗ୍ରିକଭାବେ ଦଳର ସ୍ୱାର୍ଥରେ କି ଧରଣର ଆଚରଣବିଧି ବା code of conduct ଗଢ଼ିତୋଳିବା ଦରକାର । ଅନେକଙ୍କର ମନେ ହୋଇପାରେ, ହଠାତ୍ ଆଜିର ପରିସ୍ଥିତିରେ କମ୍ୟୁନିଷ୍ଟ ବିପ୍ଳବୀମାନଙ୍କର ଏହି ଆଚରଣବିଧି ଉପରେ ଆମେ ଏତେ ଗୁରୁତ୍ୱ ଦେଉଛୁ କାହିଁକି ? ବିଶେଷଭାବେ ଏହି କାରଣରୁ ଯେ, ଆମ୍ଭେମାନେ ଆଶ୍ଚର୍ଯ୍ୟର ସହ ଗୋଟିଏ ବିଷୟ ଲକ୍ଷ୍ୟ କରୁଛୁ, ମାର୍କ୍ସବାଦୀ ବୋଲି ପରିଚିତ ଆମ ଦେଶର ତଥାକଥିତ ବୃହତ୍ ଦଳଗୁଡ଼ିକ ଭିତରୁ ଆଚରଣବିଧି କଥାଟି ପ୍ରାୟ ଲୋପ ପାଇଯିବାକୁ ବସିଛି । ସେମାନଙ୍କ ଦଳ ଭିତରେ ବିଭିନ୍ନ ନେତା ଓ କର୍ମୀମାନଙ୍କ ମଧ୍ୟରେ ଆଚରଣବିଧି ସଂପର୍କରେ ଯେତିକିବି ଧାରଣା ଅଛି ତାହା ମୂଳତଃ ବୁର୍ଜୁଆ ନୈତିକତା ଓ ଆଚରଣବିଧି ଧାରଣା ଦ୍ୱାରା ପରିଚାଳିତ ବୋଲି ବ୍ୟକ୍ତିବାଦର ଚୁଡାନ୍ତ ବିକାଶ ଓ ସଂକଟ ଯୁଗରେ, ତାହା ଦଳ ଭିତରେ କ୍ରମାଗତ ସଂକଟ ଓ ଚୁଡାନ୍ତ ବିପତ୍ତି ସୃଷ୍ଟି କରି ଚାଲିଛି । ଅନ୍ୟ ପକ୍ଷରେ ସାମାଜିକ ଜୀବନରେ ଦଳର କର୍ମୀମାନଙ୍କର ଆଚରଣବିଧି ସାଧାରଣଭାବରେ କିପରି ହେବା ଦରକାର, ତାହାକୁ ବି ସେମାନେ ସଯତ୍ନରେ ଦୂରେଇ ଦେଇଛନ୍ତି । ସେମାନଙ୍କ ନିକଟରେ ଦଳର କର୍ମୀ ହେବାର ମୁଖ୍ୟ ବିଚାର୍ଯ୍ୟ ବିଷୟ ହେଉଛି, କୌଣସି ବ୍ୟକ୍ତି ସ୍ଲୋଗାନ ଦେଉଛି କି ନାହିଁ, ପୋଷ୍ଟର ମାରୁଛି କି ନାହିଁ ଏବଂ ପାର୍ଟି

ନିର୍ଦ୍ଦେଶିତ କର୍ମସୂଚୀ ଯଥାଯଥ ଭାବରେ ପାଳନ କରୁଛି କି ନାହିଁ । ଅର୍ଥାତ୍ ବ୍ୟକ୍ତିଗତଭାବରେ ସାମାଜିକ କ୍ଷେତ୍ରରେ ବା ଦଳ ଭିତରେ ସେ ତେଣିକି ଯେଉଁ ଆଚରଣ କରୁ ନା କାହିଁକି, ଯଦି ଜଣେ ଲୋକ ପୋଷ୍ଟର ମାରେ, ସ୍ଲୋଗାନ ଦିଏ ଏବଂ ଦଳର କର୍ମସୂଚୀକୁ ପାଳନ କରେ ତେବେ ହିଁ ସେ ତାଙ୍କ ଦଳର କର୍ମୀ ବୋଲି ପରିଗଣିତ ହୋଇଯାଏ । କହିବା ବାହୁଲ୍ୟ, ଏହା ନିଃସନ୍ଦେହରେ ଅତ୍ୟନ୍ତ ମାରାତ୍ମକ କଥା । ଏହା ଯେ କେବଳ ଦଳର ଆଭ୍ୟନ୍ତରୀଣ ସଂହତିକୁ କ୍ରମାଗତ ଦୁର୍ବଳ କରିଚାଲିଛି ତାହା ନୁହେଁ, କମ୍ୟୁନିଷ୍ଟ ମତାଦର୍ଶ ଓ ନୈତିକତା ସଂପର୍କରେ ମଧ୍ୟ ଜନମାନସରେ ନାନା ପ୍ରକାର ବିଭ୍ରାନ୍ତି ସୃଷ୍ଟି କରୁଛି । କେବଳ ସେତିକି ନୁହେଁ, ସାମାନ୍ୟ ଲକ୍ଷ୍ୟ କଲେ ହିଁ ଦେଖାଯିବ ଏହି ସବୁ ଦଳର ନେତା ଓ କର୍ମୀମାନେ ଦୈନନ୍ଦିନ ଜୀବନଯାପନ, ଜନ ସଂଯୋଗ, ପାରସ୍ପରିକ ସଂପର୍କ, ପ୍ରଚାର ଇତ୍ୟାଦି ମଧ୍ୟ ଦେଇ ଏଭଳି ଆଚରଣ କରି ଚାଲିଛନ୍ତି, ଯଦ୍ଵାରା ବିପ୍ଳବୀ ଆଦର୍ଶର ମାନ ଏବଂ ବିପ୍ଳବୀ ରାଜନୀତିର ମର୍ଯ୍ୟାଦାକୁ ହିଁ ଜନ ସମ୍ମୁଖରେ ସେମାନେ କ୍ଷୁର୍ଣ୍ଣ କରି ଚାଲିଛି ।

ନେତା ଓ କର୍ମୀମାନଙ୍କର ଆଚରଣ ସଂକ୍ରାନ୍ତୀୟ ଏହି ବିଷୟଟିକୁ ବିଚାର କରିବା ସମୟରେ ଏହା ପଛରେ କେତେଦୂର ଜନ ସମର୍ଥନ ରହିଛି ତାହା ଆଦୌ ବିଚାର୍ଯ୍ୟ ବିଷୟ ହୋଇ ପାରେନା । ଏକଥା କହିବା ଅର୍ଥ ଲୋକଙ୍କୁ ଠକିବା । ନହେଲେ ଇତିହାସର ପୃଷ୍ଠା ଓଲଟାଇଲେ ସହଜରେ ହିଁ ଦେଖାଯିବ, ଅନେକ ସମୟରେ ବହୁ ପ୍ରତିକ୍ରିୟାଶୀଳ ଆଦର୍ଶ ପଛରେ ବି ଲୋକ ଭିଡ଼ ଜମାଇଛନ୍ତି, ସମର୍ଥନ ଯୋଗାଇଛନ୍ତି । ତଦ୍ଵାରା ସେମାନଙ୍କ ମତବାଦ ଯେ ସଠିକ ଥିଲା ବା ସେମାନଙ୍କ ରୁଚି ଓ ସଂସ୍କୃତିର ମାନ ଯେ ଉନ୍ନତ ଥିଲା, ଏହା ପ୍ରମାଣ ହୋଇଯାଏନା । ଯାହା ବି ହେଉ, ସେ ଆଲୋଚନା ଭିତରକୁ ମୁଁ ଏଠାରେ ଯିବାକୁ ଚାହେଁ ନା ।

କମ୍ୟୁନିଷ୍ଟମାନଙ୍କୁ ସବୁ ସମୟରେ ଗୋଟିଏ କଥା ମନେ ରଖିବାକୁ ହେବ, ତାହା ହେଉଛି, ଦଳର ବିପ୍ଳବୀ କର୍ମସୂଚୀଗୁଡ଼ିକୁ ନିଷ୍ଠାର ସହିତ ରୂପାୟନ କରିବା ସଂଗେ ସଂଗେ ବିପ୍ଳବୀ ଆଦର୍ଶ ଓ ଦୃଷ୍ଟିଭଙ୍ଗୀକୁ ସଠିକ ରାସ୍ତାରେ ପ୍ରବାହିତ କରିବାକୁ ହେଲେ କମ୍ୟୁନିଷ୍ଟ ଆଦର୍ଶ ସମ୍ମତ ଆଚରଣ ବିଧିକୁ ସଠିକ ଭାବରେ ଆୟତ୍ତ କରିବା ନିହାତି ଦରକାର । ଅନ୍ୟପକ୍ଷରେ ଏକଥାବି ସେମାନଙ୍କୁ ସବୁ ସମୟରେ ମନେ ରଖିବାକୁ ହେବ ଯେ, ସର୍ବହରା ବିପ୍ଳବୀ ଆଦର୍ଶ, ରାଜନୀତି ଓ ସଂସ୍କୃତିକୁ ଜନସଧାରଣଙ୍କ ଭିତରକୁ ନେଇଯିବାର ପ୍ରଧାନ ମାଧ୍ୟମ ହେଉଛି ପ୍ରଚାର ସଙ୍ଗେ ସଙ୍ଗେ କର୍ମୀ ନେତାମାନଙ୍କର ବିପ୍ଳବୀ ଆଦର୍ଶସମ୍ମତ ଓ ରୁଚିସମ୍ମତ ଆଚରଣ । କାରଣ ଏହି ଦୁଇଟି କଥା ଦ୍ଵାରା, ବିଶେଷକରି ନେତା ଓ କର୍ମୀମାନଙ୍କ ଦ୍ଵାରା ହିଁ ବିପ୍ଳବୀ ଆଦର୍ଶ ଓ ଆନ୍ଦୋଳନଗୁଡ଼ିକ ପ୍ରତି ଜନସାଧାରଣ ପ୍ରଥମେ ଆକୃଷ୍ଟ ହୋଇଥାନ୍ତି, ତାପରେ ଧୀରେ ଧୀରେ ତାର ତତ୍ତ୍ଵଗତ ଦିଗକୁ ଆୟତ କରିଥାଆନ୍ତ ।

## ବିପ୍ଲବୀ କର୍ମୀ ମାନଙ୍କର ଆଚରଣବିଧି

ଏହି ଆଚରଣବିଧିର ଦୁଇଟି ଦିଗ ଅଛି । ଗୋଟିଏ ହେଲା ଦଳର ଅଭ୍ୟନ୍ତରରେ ନେତା ଓ କର୍ମୀମାନଙ୍କର ପାରସ୍ପରିକ ସମ୍ପର୍କେ, ପାଟି ବଡ଼ି ସହିତ କର୍ମୀମାନଙ୍କର ଓ ନେତାମାନଙ୍କର ସମ୍ପର୍କ ଏବଂ ନେତା ଓ କର୍ମୀମାନଙ୍କର ପରସ୍ପର ମଧ୍ୟରେ ଆଲୋଚନା ଓ ସମାଲୋଚନାର ରୀତିନୀତି ଓ ଆଚରଣ କେଉଁ ଧରଣର ହେବ; ସର୍ବୋପରି ନେତାଠାରୁ ଆରମ୍ଭ କରି ପ୍ରତ୍ୟେକ କର୍ମୀର ବ୍ୟକ୍ତିଗତ ଜୀବନକୁ ପରିଚାଳନା କରିବାର ପ୍ରତିଟି କ୍ଷେତ୍ରରେ ଦୃଷ୍ଟିଭଙ୍ଗୀ କ'ଣ ହେବ । ଅନ୍ୟଟି ହେଉଛି, ବୃହତ୍ତର ସାମାଜିକ କ୍ଷେତ୍ରରେ ଜନସାଧାରଣଙ୍କ ସହିତ ସଂଯୋଗ, ଜନସାଧାରରଙ୍କ ସହିତ ମିଶି ଗଣ ଆନ୍ଦୋଳନ ସଂଗଠିତ କରିବା ଏବଂ ବିପ୍ଲବର ଚେତନାରେ ଜନଗଣଙ୍କୁ ଉଦ୍‌ବୁଦ୍ଧ କରି ଜନଗଣଙ୍କ ବିପ୍ଲବୀ ସଂଗଠନ ଗଢ଼ିବାକୁ ଯାଇ ସେମାନଙ୍କ ସହିତ ମିଳାମିଶା ଓ ବ୍ୟବହାର କ୍ଷେତ୍ରରେ ନେତା ଓ କର୍ମୀମାନଙ୍କର ଆଚରଣ କ'ଣ ହେବ ? ଏହି ଦିଗଟି ବିଶେଷଭାବେ ଏହି କାରଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ, କମ୍ୟୁନିଷ୍ଟ ଆଦର୍ଶ ଓ ମୂଲ୍ୟବୋଧ ସମ୍ପର୍କରେ ଏକଦା ଜନସାଧାରଣଙ୍କ ମନରେ ଯେଉଁ ଉଚ୍ଚ ଧାରଣା ଥିଲା, ଭାରତବର୍ଷର ତଥାକଥିତ କମ୍ୟୁନିଷ୍ଟ ନାମଧାରୀ ଦଳଗୁଡ଼ିକର ନେତା ଓ କର୍ମୀମାନଙ୍କର ନୈତିକ ଆଚରଣ, ଦୈନନ୍ଦିନ ଜୀବନଯାତ୍ରା ଓ ବ୍ୟବହାରିକ ଜୀବନ ସେହି ଉଚ୍ଚ ଧାରଣାକୁ ଆଜି ଅନେକାଂଶରେ କ୍ଷୁର୍ଣ୍ଣ କରିଛି । ବିପଦ ହେଉଛି, ଏମାନେ କମ୍ୟୁନିଷ୍ଟ ନାଁ ନେଇ ଚାଲିଛନ୍ତି ବୋଲି ଜନସାରଣ ଏମାନଙ୍କୁ କମ୍ୟୁନିଷ୍ଟ ବୋଲି ଜାଣନ୍ତି ଏବଂ ଏମାଙ୍କର ଆଚରଣକୁ ହିଁ ଯଥାର୍ଥ କମ୍ୟୁନିଷ୍ଟ ରୀତିସମ୍ମତ ଆଚରଣ ବୋଲି ମନେ କରନ୍ତି । କମ୍ୟୁନିଷ୍ଟ ନାମ ଧାରଣ କଲେ ବି ଏମାନେ ଯେହେତୁ ପ୍ରକୃତ କମ୍ୟୁନିଷ୍ଟ ନୁହନ୍ତି, ସେହେତୁ ଏମାନଙ୍କର ଭ୍ରାନ୍ତ ରାଜନୀତି ଏବଂ ବ୍ୟକ୍ତିଗତ କ୍ଷେତ୍ରରେ ଚୁଡ଼ାନ୍ତ ଅଣମାର୍କ୍ସବାଦୀ ଆଚରଣ ହିଁ ଆଜି ପ୍ରକୃତରେ କମ୍ୟୁନିଷ୍ଟ ମୂଲ୍ୟବୋଧ ସମ୍ପର୍କରେ ଏହି କୁହେଳିକାମୟ ଏବଂ ବିଭ୍ରାନ୍ତିମୂଳକ ପରିବେଶ ସୃଷ୍ଟି କରିଛି । ତେଣୁ ଆମ ଦଳର ନେତା ଓ କର୍ମିମାନଙ୍କର ଗୋଟାଏ ଦିଗରେ ସଠିକ ସାମ୍ୟବାଦୀ ରାଜନୀତିର ଚର୍ଚ୍ଚା, ଅନ୍ୟଦିଗରେ ସାମାଜିକ ସମ୍ପର୍କ ସ୍ଥାପନ ଓ ବ୍ୟକ୍ତିଗତ ଆଚରଣ କ୍ଷେତ୍ରରେ କମ୍ୟୁନିଷ୍ଟ ଆଦର୍ଶ ସମ୍ମତ ଆଚରଣବିଧି ଅତ୍ୟନ୍ତ ନିଷ୍ଠାର ସହିତ ଅନୁସରଣ କରିବାର ପ୍ରୟୋଜନ ଦେଖା ଦେଇଛି । ପୁଣି ତାହା କରିପାରିଲେ, କମ୍ୟୁନିଜମ୍ ଯେ, ଆଜିର ଦୁନିଆରେ ପ୍ରଚଳିତ ସମସ୍ତ ଆଦର୍ଶଠାରୁ ଉନ୍ନତ ଏକ ମହାନ ଆଦର୍ଶ ଏବଂ ସମସ୍ତ ପ୍ରକାର ସାମାଜିକ ଅନ୍ୟାୟ ଓ ଶୋଣରୁ ମୁକ୍ତ ଏକ ଉନ୍ନତ ସମାଜ ବ୍ୟବସ୍ଥା ପ୍ରତିଷ୍ଠା କରିବାରେ ସକ୍ଷମ, ତାହା ଜନସାଧାରଣ ସହଜରେ ହିଁ ବୁଝିବାକୁ ସକ୍ଷମ ହବେ । ଆଚରଣବିଧି ସଂକ୍ରାନ୍ତୀୟ ସବୁ ବିଷୟ ଉପରେ ବିଶଦ ଆଲୋଚନା ଗୋଟିଏ ସଭାରେ କରିବା ସମ୍ଭବ ନୁହେଁ, ତେବେ ବି କେତେଗୁଡ଼ିଏ ମୌଳିକ ଦିଗ ଯାହା ଦଳର ସଂହତି

ରକ୍ଷା ପାଇଁ ବିଶେଷ ପ୍ରୟୋଜନ ଏବଂ ଏହି ମୁହୂର୍ତ୍ତରେ ଯାହା ଆମ ଦଳ ପାଇଁ ଅତ୍ୟନ୍ତ ଜରୁରୀଭାବେ ଦେଖା ଦେଇଛି, ସେ ସମ୍ପର୍କରେ କେତୋଟି କଥା ଆଜିର ଅଲୋଚନାରେ ମୁଁ ଆପଣମାନଙ୍କ ଆଗରେ କହିବି ।

ମୁଁ ପ୍ରଥମରୁ ହିଁ ଯେଉଁ ବିଷୟଟି ବିଶଦଭାବେ ଆପଣମାନଙ୍କ ସାମନାରେ ଆଲୋଚନା କରିବାକୁ ଚାହେଁ, ତାହା ହେଲା, ଦଳ ଭିତରେ ଦଳର କୌଣସି ନୀତି ସମ୍ପର୍କରେ ହେଉ ବା ଅନ୍ୟ କୌଣସି ସମ୍ପର୍କରେ ହେଉ, ଅନେକ ସମୟରେ ଦେଖାଯାଏ, ଆମେମାନେ ସମାଲୋଚନା କ୍ଷେତ୍ରରେ କୌଣସି ନୀତି ଅନୁସରଣ କରୁନାହୁଁ । ଏ କଥାର ଅର୍ଥ, ମୁଁ ଏକଥା କହୁ ନାହିଁଯେ, ଦଳ ଭିତରେ ଆଲୋଚନା ବା ସମାଲୋଚନା ବନ୍ଦ କରିବାକୁ ହେବ । ଏ ପ୍ରଶ୍ନ ଉଠିପାରେନା । ଆଲୋଚନା ବା ସମାଲୋଚନା ସବୁକିଛି ଦଳ ଭିତରେ ଚାଲିବ ଏବଂ ସବୁ ସମୟରେ ତାହା ଖୋଲାଖୋଲି ଭାବରେ, ମୁକ୍ତ ପରିବେଶରେ ହେବା ଉଚିତ । ଏହାକୁ ବନ୍ଦ କରାଯାଇପାରେନା ଏବଂ ବନ୍ଦ କରିବା ଉଚିତ ବି ନୁହେଁ । କାହିଁକି ନା, ସେଥିରେ ଦଳର ସ୍ୱାସ୍ଥ୍ୟ ନଷ୍ଟ ହେବାକୁ ବାଧ୍ୟ । ପୁଣି ଆଲୋଚନା ବା ସମାଲୋଚନା ଯଦି ନୀତି ଅନୁଯାୟୀ ନ ଚାଲେ, ସେଥିରେ ଯଦି କୌଣସି ସୁନିର୍ଦ୍ଦିଷ୍ଟ ପଦ୍ଧତି (method) ନ ରହେ– ଅର୍ଥାତ୍ ଯଦି ତାହା ଦଳର ଚିନ୍ତା, ଆଦର୍ଶ ଓ ମତବାଦ ସହିତ ସାମଞ୍ଜସ୍ୟପୂର୍ଣ୍ଣ ନହୁଏ, ଦଳର ନେତୃତ୍ୱ ଓ କର୍ମୀମାନଙ୍କ ମଧ୍ୟରେ ଐକ୍ୟ ଓ ସଂହତିକୁ ସୁଦୃଢ଼ କରିବାରେ ସାହାଯ୍ୟ ନକରେ, ଦଳର ସଂଗଠନ ଓ ଗଣ ସଂଗ୍ରାମଗୁଡ଼ିକୁ ଶକ୍ତିଶାଳୀ କରିବା କ୍ଷେତ୍ରରେ ଦଳର ପରିକଳ୍ପନାଗୁଡ଼ିକୁ ରୂପାୟିତ କରିବାରେ ସାହାଯ୍ୟ ନକରେ ଓଲଟି ପରସ୍ପର ମଧ୍ୟରେ ସନ୍ଦେହ, ଅବିଶ୍ୱାସ ଏବଂ ସାଧାରଣଭାବରେ କର୍ମୀମାନଙ୍କ ଭିତରେ ନିଷ୍କ୍ରିୟ ମାନସିକତାକୁ ଜନ୍ମଦିଏ– ତାହାହେଲେ ବୁଝିବାକୁ ହେବ, ସେ ଧରଣର ଆଲୋଚନା ବା ସମାଲୋଚନା ନିଃସନ୍ଦେହରେ ନୀତିହୀନ, ଯାହା ସମାଲୋଚନାର ମୂଳ ଉଦ୍ଦେଶ୍ୟକୁ ହିଁ ବ୍ୟର୍ଥ କରିଦିଏ ।

ଯେ କୌଣସି ଆଲୋଚନା ବା ସମାଲୋଚନା ସମୟରେ, କମ୍ୟୁନିଷ୍ଟମାନଙ୍କ ପାଖରେ ସମାଲୋଚନାର ଅସଲ ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ କ'ଣ– ସେ ସମ୍ପର୍କରେ କର୍ମୀମାନଙ୍କର ସବୁ ସମୟରେ ଗୋଟିଏ କଥା ମନେ ରଖିବା ଦରକାର । ସେମାନଙ୍କୁ ମନେ ରଖିବାକୁ ହେବ ଏହାର ତାତ୍ପର୍ଯ୍ୟ ହେଉଛି– ପ୍ରଥମତଃ, ଯିଏ ସମାଲୋଚନା କରେ, ତା'ର ନିଜର ଯଦି କୌଣସି ଭୁଲ ତା'ର ଅଜ୍ଞାତରେ ହିଁ ରହିଥାଏ ତେବେ ଏହି ସମାଲୋଚନା ମଧ୍ୟ ଦେଇ ତାକୁ ସୁଧାରିବାର ପଥ ବାହାର କରିବା । ଦ୍ୱିତୀୟତଃ, ଦଳର ଓ ବିପ୍ଳବର ସ୍ୱାର୍ଥକୁ ଆଖି ଆଗରେ ରଖି ଅନ୍ୟର ଭୁଲଗୁଡ଼ିକୁ ସୁଧାରିବା ଏବଂ ଦଳୀୟ ସଂହତି ରକ୍ଷା କରିବା ଉଦ୍ଦେଶ୍ୟରେ ବପ୍ଳବୀ ତତ୍ତ୍ୱ, ବିପ୍ଳବୀ ରାଜନୀତି, ଆଦର୍ଶ, ମତବାଦ ଓ ତା'ର ପ୍ରୟୋଗ ପଦ୍ଧତି ସମ୍ପର୍କରେ ନେତା, କର୍ମୀ ଏବଂ ଜନସାଧାରଣଙ୍କୁ ଶିକ୍ଷିତ

କରାଇବା ଏବଂ ନେତା, କର୍ମୀ ଏବଂ ଜନସାଧାରଣଙ୍କୁ ଜଡ଼ିତ କରି ବିପ୍ଳବର ସ୍ୱାର୍ଥରେ ମିଳିତଭାବରେ କିପରି କାମ କରିବାକୁ ହେବ, ସେ ବିଷୟରେ ଯଥାର୍ଥ ଶିକ୍ଷା ଦେବା । ବିପ୍ଳବୀ ଓ କମ୍ୟୁନିଷ୍ଟମାନଙ୍କ ନିକଟରେ ଏହାହିଁ ହେଉଛି ସମାଲୋଚନାର ଏକମାତ୍ର ଆବଶ୍ୟକତା ଏବଂ କାର୍ଯ୍ୟକାରିତା । ବିପ୍ଳବୀମାନଙ୍କ ପାଇଁ ସମାଲୋଚନାର ପଦ୍ଧତି ହେଉଛି, ପ୍ରଥମେ ଆତ୍ମ ସମାଲୋଚନା ଏବଂ ପରେ ଅନ୍ୟର ସମାଲୋଚନା । ଅର୍ଥାତ୍ ପ୍ରଥମେ ନିଜର ସମାଲୋଚନା ସଙ୍ଗେ ସଙ୍ଗେ ସାଧାରଣଭାବେ ଦଳର ନୀତି ଓ ପରିକଳ୍ପନା ସମ୍ପର୍କରେ ସମାଲୋଚନା ଏବଂ ଦଳର ନେତା ଓ କର୍ମୀମାନଙ୍କର ସେହି ନୀତି ଓ ପରିକଳ୍ପନାକୁ ରୂପାୟିତ କରିବା କ୍ଷେତ୍ରରେ ସେମାନଙ୍କ ଆଚରଣ ସମ୍ପର୍କରେ ସମାଲୋଚନା । ତେଣୁ ଆତ୍ମ ସମାଲୋଚନାମୂଳକ ମନୋଭାବକୁ ଭିତି କରି ସମାଲୋଚନା ଚଳାଇ ରଖି ପାରିଲେ ତେବେ ଯାଇ ବିପ୍ଳବର ଅନୁକୂଳ ଅର୍ଥରେ ତା'ର ଯଥାର୍ଥ କାର୍ଯ୍ୟକାରୀତା ରହିଛି ।

ଯଦି କୌଣସି ସମାଲୋଚନା କ୍ଷେତ୍ରରେ ଦେଖାଯାଏ, ସମାଲୋଚନା ଏହି ନୀତି ଓ ପଦ୍ଧତି ଦ୍ୱାରା ପରିଚାଳିତ ହେଉନାହିଁ, ତାହାହେଲେ ତା'ର ପ୍ରକାଶ ଭଙ୍ଗୀମା ଯେତେ ସୁକ୍ଷ୍ମ ହେଉନା କାହିଁକି ଟିକିଏ ନିରେଖି ଦେଖିଲେ ବା ବିଶ୍ଳେଷଣ କଲେ ଦେଖାଯିବ, ବ୍ୟକ୍ତିଗତ କ୍ଷେତ୍ରରେ କିଛି ବିକ୍ଷୋଭ ବା ଅସନ୍ତୋଷ ଫଳରେ, ସମାଲୋଚନାର ଧାରା ଏହିଭଳି ରୂପ ନେଉଛି । ଅବଶ୍ୟ ଅଧିକାଂଶ କ୍ଷେତ୍ରରେ ଦେଖାଯାଏ, ବିକ୍ଷୋଭ ଯେତେ ବେଶୀ ଫାଟି ପଡିଥାଉନା କାହିଁକି ଯେଉଁମାନେ ଏଭଳି ସମାଲୋଚନା କରନ୍ତି, ସେମାନେ ତାହା ଜାଣି ବୁଝି କରନ୍ତି ନାହିଁ ବା କୌଣସି ମତଲବ ରଖି କରନ୍ତି ନାହିଁ । ସଠିକ୍ ପାର୍ଟି ଶିକ୍ଷା (appropriate party education) ଅଭାବ ଥିବା ଯାଗୁଁ କମ୍ରେଡମାନେ ଏଥିରେ ଜଡିତ ହୋଇ ପଡନ୍ତି ଏବଂ ଜଡିତ ହେଉ ହେଉ ଶେଷରେ ଗୋଟିଏ ପ୍ରକ୍ରିୟା (process) ର ଶୀକାର ହୋଇ ପଡନ୍ତି । ପୁଣି ଏହିଭାବେରେ ଚାଲୁ ଚାଲୁ କୌଣସି କମ୍ରେଡ ଯେତେବେଳେ ସେହି ପ୍ରକ୍ରିୟାର ଶୀକାର (victim) ହୋଇ ପଡନ୍ତି, ସେତେବେଳେ ନିଜର ସମାଲୋଚନା ଧାରାକୁ ଯେତେ ସଠିକ ବୋଲି ମନେ କରନ୍ତୁ ନା କାହିଁକି ଅସଲରେ ସେମାନଙ୍କର ମାନସିକତା ଓ କାର୍ଯ୍ୟକଳାପ ଯେ- ଏପରିକି ନିଜ ଇଚ୍ଛା ବିରୁଦ୍ଧରେ- ପାର୍ଟି ବିରୋଧି ରୂପ ନେଉଛି, ଦଳର ସଂହତିକୁ ଦୁର୍ବଳ କରୁଛି ଏବଂ ବିଶେଷକରି ଦଳର ନେତୃତ୍ୱ ସମ୍ବନ୍ଧରେ ସଠିକ ଧାରଣା ଗଢ଼ିତୋଳିବା କ୍ଷେତ୍ରରେ ବାଧା ସୃଷ୍ଟି କରୁଛି, ତାହା ସେମାନେ ବୁଝିପାରନ୍ତି ନାହିଁ । ଏହିଭଳି କାର୍ଯ୍ୟ କରିବା କ୍ଷେତ୍ରରେ ସେମାନେ ଅନେକ ସମୟରେ, 'ଯେହେତୁ ଦଳର ନେତୃତ୍ୱକୁ ଅନ୍ଧଭାବରେ ଅନୁସରଣ କରିବା ଚଳେନା, ଅତଏବ ଦଳକୁ ସାହାଯ୍ୟ କରିବା ଅର୍ଥରେ ସମାଲୋଚନା କରିବା ପ୍ରୟୋଜନ, ଏହି ଯୁକ୍ତି ଦ୍ୱାରା ପରିଚାଳିତ ହୋଇ ପରସ୍ପର ମଧ୍ୟରେ ନୀତିହୀନ ଆଳାପ ଆଲୋଚନା ଓ ସମାଲୋଚନା କରିଥାନ୍ତି । ପୁଣି ଏହି ସବୁ କ୍ଷେତ୍ରରେ ଏକ ଅଦ୍ଭୁତ ଘଟଣା ଘଟେ । ଯେଉଁସବୁ କମ୍ରେଡ଼ମାନେ

ଅସନ୍ତୁଷ୍ଟ ସେମାନଙ୍କର ଅସନ୍ତୋଷକୁ ଭିତ୍ତି କରି ବି ଅନେକ ବନ୍ଧୁ ଯୋଗାଡ଼ କରିନିଅନ୍ତି । ସାମାନ୍ୟ ଲକ୍ଷ୍ୟ କଲେ ଦେଖାଯିବ, ଏମାନଙ୍କ ସହିତ ସେହିମାନଙ୍କର ହିଁ ଘନିଷ୍ଠତା ଗଢ଼ିଉଠେ, ଯେଉଁମାନଙ୍କ ମନରେ କୌଣସି କାରଣରୁ ବ୍ୟକ୍ତିଗତ କ୍ଷୋଭ ଜମା ହୋଇ ରହିଛି, ପରସ୍ପର ମଧ୍ୟରେ ଥିବା ଏହି କ୍ଷୋଭ ହିଁ ପରସ୍ପରକୁ ମିଳିତ କରାଏ ।

ଆଉ ଏକ ପ୍ରକାରର ସମାଲୋଚନା ଅଛି, ଯାହାକୁ ପାର୍ଟିର ଭଲ ଭଲ କର୍ମୀମାନେ ଯେଉଁମାନଙ୍କର ଘ୍ରାଣଶକ୍ତି ବା ଶ୍ରେଣୀଚେତନା (class instinct) ଖୁବ୍ ପ୍ରଖର ସେମାନେ ପସନ୍ଦ କରନ୍ତି । ସେମାନେ କିନ୍ତୁ ଶୁଣିଲେ ହିଁ ବୁଝି ପାରନ୍ତି ଯେ, ଏହା ସେହି ଧରଣର ସମାଲୋଚନା ନୁହେଁ, ଯାହା ବିପ୍ଳବ ଓ ପାର୍ଟି ସ୍ୱାର୍ଥ ସହିତ ସଙ୍ଗତିପୂର୍ଣ୍ଣ । ଯଦିଓ ଏସବୁ ସମାଲୋଚନା, 'ପାର୍ଟିର ସ୍ୱାର୍ଥ ପାଇଁ କରା ହେଉଛି' ବୋଲି କୁହାଯାଉଛି, ତେବେ ବି ସେମାନେ ବେଶ୍ ସହଜରେ ବୁଝି ପାରନ୍ତି ଯେ, ଅସଲରେ ଏହିସବୁ ସମାଲୋଚନାର ଅନ୍ତରାଳରେ କେଉଁଠିନା କେଉଁଠି ଏକ ବ୍ୟକ୍ତି ସ୍ୱାର୍ଥ ବା ଅସନ୍ତୋଷ କାମ କରୁଛି । ପୁଣି ସେହି କାରଣରୁ ଯେଉଁମାନେ ଏ ପ୍ରକାର ସମାଲୋଚନା କରୁଛନ୍ତି, ସେମାନେ ପାର୍ଟିର ନୀତି (principle) ବା ପଦ୍ଧତି (norms) ମାନି ଚଲୁ ନାହାନ୍ତି । ଏହି ସବୁ ସତ୍ ଏବଂ ଯେଉଁମାନଙ୍କର ଖୁବ୍ ପ୍ରଖର ଶ୍ରେଣୀ ଚେତନା ସମ୍ପନ୍ନ କର୍ମୀମାନେ ମଧ୍ୟ ପାର୍ଟି ଭିତରେ ସମାଲୋଚନା କରିଥାନ୍ତି । କିନ୍ତୁ, ସବୁ ପ୍ରକାର ସମାଲୋଚନା ସବୁ ସ୍ଥାନରେ କିମ୍ବା ଯେଉଁଠି ପାରେ ସେଇଠି କରନ୍ତି ନାହିଁ । ସେମାନେ ବେଶ୍ ବୁଝି ପାରନ୍ତି ଯେ, କେଉଁଠି ତାହା କରାଯାଏ– ଅର୍ଥାତ୍ ଅନେକାଂଶରେ ଭିତରୁ ଅନୁଭବ (instinctively feel) କରିପାରନ୍ତି । କିନ୍ତୁ, ଯେଉଁମାନେ ଏହି ପଦ୍ଧତି ମାନି ଚଳନ୍ତି ନାହିଁ, ଆଗରୁ କହିଛି, ସେମାନେ ଯେ ସଚେତନ ଭାବେ ବା ଇଛା କରି ଏ କାର୍ଯ୍ୟ କରନ୍ତି ତାହା ନୁହେଁ, ମାତ୍ର ଏହାର ଫଳ ମାରାତ୍ମକ ହୁଏ, ନ' ବୁଝି ଏହାର ଶୀକାର (honestly victim) ହେଲେ ବି ଏହା ଚରମ କ୍ଷତିକାରକ ।

ଆମେ ମାର୍କ୍ସବାଦୀମାନେ, ଦ୍ୱନ୍ଦ୍ୱମୂଳକ ବସ୍ତୁବାଦୀମାନେ ଜାଣୁ ଯେ, ଆମେ ଯାହା ହେବାକୁ ଚାହୁଁ ବା ଯାହା ହେବା ଉଚିତ ବୋଲି ମନେକରୁ, ଆମେ ଚାହୁଁ ବା ମନେକରୁ ବୋଲି ତାହା ହେଉନା ବା ହୋଇପାରୁନା । ଏକ ବିଶେଷ ପରିସ୍ଥିତି (given condition) ର ଯାହା ଏକମାତ୍ର ବିଜ୍ଞାନସମ୍ମତ ପଦ୍ଧତି– ଅର୍ଥାତ୍, ଯାହାକୁ ଅନୁସରଣ କରି ଚାଲିଲେ ଆମେ ଯାହାହେବାକୁ ଚାହୁଁ ତାହା ହୋଇପରିବା, ବାସ୍ତବ ବ୍ୟବହାର କ୍ଷେତ୍ରରେ ଆମେ ସେହି ପଦ୍ଧତି ଅନୁସରଣ କରି ଚାଲିଛୁ କି ନାହିଁ ତା' ଉପରେ ସମ୍ପୂର୍ଣ୍ଣ ରୂପେ ଏହା ନର୍ଭର କରୁଛି । କମ୍ରେଡମାନଙ୍କର ମନେରଖିବାକୁ ହେବ, କେବଳ ବହି ପଢ଼ା ଜ୍ଞାନ ବା ପାଣ୍ଡିତ୍ୟ ଏହି ବିପଦରୁ ରକ୍ଷା କରି ପାରିବ ନାହିଁ । ତେଣୁ କେବଳ ପାଣ୍ଡିତ୍ୟ ବା ବହି ପଢ଼ା ଜ୍ଞାନ ଦ୍ୱାରା ଏହାର ଉତ୍ତର ମିଳିବ ନାହିଁ ଏବଂ ସମାଧାନ ପଥ ଖୋଜିଲେ

ମଧ୍ୟ ମିଳିବ ନାହିଁ, ଅର୍ଥାତ୍ ଏକ ବିଶେଷ ସମୟରେ ଏବଂ ବିଶେଷ ପରିବେଶରେ ଦେଶ ଭିତରେ ବିପ୍ଳବୀ ସଂଗ୍ରାମ ଓ ଦଳର ସଂଗଠନ ଯେଉଁ ସ୍ତରରେ ରହିଛି, ତାରି ପରିପ୍ରେକ୍ଷୀରେ ଦଳର କର୍ମୀମାନଙ୍କର ଆଦର୍ଶଗତ ଚେତନାର ମାନ ଏବଂ ଦଳର ବାହାରେ ଯେଉଁ ବିରାଟ ଜନସାଧାରଣ ରହିଛନ୍ତି ସେମାନଙ୍କ ଚେତନାର ସ୍ତର ଏବଂ ସାଂସ୍କୃତିକ ମାନ ଯଥାଯଥଭାବେ ନିର୍ଦ୍ଧାରଣ କରି ପାର୍ଟିର ବିପ୍ଳବୀ ତତ୍ତ୍ୱଗୁଡ଼ିକୁ ବାସ୍ତବ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରୟୋଗ କରି ପାରିଲେ ଯାଇ ଏହି କାମରେ ସଫଳତା ଅର୍ଜନ କରା ଯାଇପାରିବ । ଏ କ୍ଷେତ୍ରରେ ବ୍ୟକ୍ତିଗତ ଆଚରଣର ଛୋଟ ଛୋଟ ବିଷୟଗୁଡ଼ିକୁ ଅବହେଳା ଦୃଷ୍ଟିରେ ଦେଖିବା ଓ ସେ ସମ୍ପର୍କରେ ଉଦାସୀନ ରହିବା ଗୁରୁତର ଅପରାଧ । ଏ କଥାଟି ଯେପରି ଠିକ୍, ସେମିତି ସମଷ୍ଟିଗତ ଆଚରଣ କ୍ଷେତ୍ରରେ ଏକଥା ମଧ୍ୟ ସବୁ ସମୟରେ ମନେରଖିବା ଦରକାର ଯେ କାହାରି ବ୍ୟକ୍ତିଗତ ଆଚରଣର ଛୋଟକାଟିଆ- ତ୍ରୁଟି-ବିଚ୍ୟୁତି ଉପରେ ସମାଲୋଚନା କରିବା ସମୟରେ, ଦଳର ସାମଗ୍ରିକ ସ୍ୱାର୍ଥ ପ୍ରତି ଦୃଷ୍ଟି ନରଖି ସେ ବିଷୟଟିକୁ ଉଖାରି ଚାଲିବା ଅନିଷ୍ଟକର- ଯଦିଓ ବ୍ୟକ୍ତିଗତଭାବେ ପ୍ରତ୍ୟେକ ବିପ୍ଳବୀ ପାଖରେ ନିଜସ୍ୱ ଆଚରଣ କ୍ଷେତ୍ରରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ ହେବା ଉଚିତ ।

ମନେରଖିବା ଦରକାର ବହି ପଢ଼ି-ଅର୍ଥାତ୍ ମାର୍କ୍ସ, ଏଙ୍ଗେଲସ୍, ଲେଲିନ. ଷ୍ଟାଲିନ୍ ପ୍ରଭୃତି ନେତା ଓ ଚିନ୍ତାବିଦ୍‌ମାନେ ଯେଉଁସବୁ ବହି ଲେଖିଛନ୍ତି, ଯେଉଁ ସବୁ ତତ୍ତ୍ୱ ପ୍ରତିଷ୍ଠା କରି ଯାଇଛନ୍ତି ସେ ସବୁ ଜାଣିବା ଭିତର ଦେଇ ଆମେ ଯେଉଁ ଜ୍ଞାନ ଅର୍ଜନ କରୁ ସେ ସବୁ ହେଲା ମାର୍କ୍ସବାଦୀ ତତ୍ତ୍ୱର ଏକ ସାଧାରଣ ଦିଗ । କିନ୍ତୁ କେବଳ ବହି ପଢ଼ି ଆମେ ଯେଉଁ ଜ୍ଞାନ ଅର୍ଜନ କରୁ, ତାହାହିଁ କ'ଣ ଯଥାର୍ଥ ଜ୍ଞାନ ? ନା, ଏହି ଜାଣିବା ଯଥାର୍ଥ ଜାଣିବା ଜ୍ଞାନ ନୁହେଁ, କାରଣ ଆମ ଦେଶରେ ଇଂରାଜୀ ଜାଣିଥିବା ଜଣେ ଲୋକ ପକ୍ଷରେ ଏସବୁ ଖବର ଜାଣିବାକୁ ଛଅ ମାସରୁ ବେଶୀ ସମୟ ଲାଗେନି । ଏହି ସମୟ ଭିତରେ ଜଣେ ଲୋକ ଚେଷ୍ଟା କଲେ ଅନେକ କିଛି ମୁଖସ୍ଥ କରିପାରେ । କିନ୍ତୁ, ତଦ୍ୱାରା କ'ଣ ଏକଥା ପ୍ରମାଣ ହୁଏ ଯେ ସେ ମସ୍ତବଡ଼ ବିପ୍ଳବୀ ତାତ୍ତ୍ୱିକ ବା (Theoritician) ? ଯେଉଁସବୁ କର୍ମୀମାନେ ଏସବୁ ବହିପତ୍ର ପଢ଼ି ନାହାନ୍ତି ବା ପଢ଼ିବାର ସୁଯୋଗ ପାଇନାହାନ୍ତି, ସେମାନଙ୍କ ଅପେକ୍ଷା ସେ ହୁଏତ ଯେଉଁସବୁ ତତ୍ତ୍ୱ ବର୍ତ୍ତମାନ ଯାଏ ଲିଖିତ ଆକାରରେ ପ୍ରକାଶିତ ହୋଇଛି ତାହା ନିର୍ଭୁଲ ଭାବରେ କହିପାରନ୍ତି, କେଉଁ ବହିରେ ଲେନିନ୍ କ'ଣ କହିଛନ୍ତି ବା ମାଓଙ୍କର କେଉଁ ବହିର କେତେ ପୃଷ୍ଠାରେ କେଉଁ କୋଟେଶନ ଅଛି ସେସବୁ ମଧ୍ୟ ହୁଏତ କହିପାରନ୍ତି । କିନ୍ତୁ, ତଦ୍ୱାରା ଏକଥା କ'ଣ ପ୍ରମାଣିତ ହଏ ଯେ ସେ ଅନେକ ବେଶୀ ଜ୍ଞାନୀ ? ଏହା ଆଦୌ ବିଚାରର ମାପକାଠି ହୋଇପାରେନା । କାହିଁକିନା ଅନେକ ସମୟରେ ଦେଖାଯାଏ ଯେଉଁ କମ୍ରେଡ଼ ଜଣକ ଏତେସବୁ ବହିପଢ଼ି ନାହାନ୍ତି କି ଏତେସବୁ ଖବର ରଖନ୍ତି ନାହିଁ, ସେ କିନ୍ତୁ ଜାଣନ୍ତି କେଉଁଭାବରେ ଗଣ ଆନ୍ଦୋଳନକୁ ସଂଗଠିତ କରିବାକୁ

ହୁଏ, କପରି ଭାବରେ ପାର୍ଟିର ସଂହତି ରକ୍ଷା କରିବାକୁ ହୁଏ, ସମ୍ମିଳିତ ଭାବେରେ କପରି କାମ କରିବାକୁ ହୁଏ ଏବଂ ସର୍ବୋପରି ବ୍ୟକ୍ତିଗତ ଭାବରେ ବିପ୍ଳବୀ ହିସାବରେ କେଉଁଭଳି ବ୍ୟବହାର କରିବାକୁ ହୁଏ- ଅର୍ଥାତ୍ ପ୍ରକୃତ ଅର୍ଥରେ ବିପ୍ଳବୀ ଆଚରଣବିଧି କ'ଣ ସେ ଜାଣିନ୍ତି ଏବଂ ସେହି ଭାବରେ ସେ ବ୍ୟବହାର ମଧ୍ୟ କରନ୍ତି ।

କିନ୍ତୁ ଆଉ ଜଣେ କମ୍ରେଡ଼ ଏତେ ବହିପଢ଼ି- ଏତେ ଖବର ରଖି ମଧ୍ୟ ଜାଣନ୍ତି ନାହିଁ, ବିପ୍ଳବୀମାନଙ୍କୁ କିପରି ଭାବରେ ଆଚରଣ କରିବାକୁ ପଡେ । ବରଂ ଅନେକ ସମୟରେ ଦେଖାଯାଏ ଯଦିଓ ସେମାନେ ଅନେକ reference ଦେଇପାରନ୍ତି ଏବଂ ପ୍ରୟୋଜନ ଅନୁଯାଇ ଯେ କୌଣସି କୋଟେଶନ୍ କହିପାରନ୍ତି ବୋଲି ବହୁସ ସମୟରେ କର୍ମୀ ଓ ଜନସାଧାରଣଙ୍କ ଚେତନାର ମାନ ନିମ୍ନସ୍ତରରେ ଥିବା ହେତୁ ସେମାନଙ୍କ ବକ୍ତବ୍ୟ ସମ୍ପର୍କରେ ଉପରେ ଉପରେ ବେଶ କିଛି ତାରିଫ୍ ହୁଏ, କିନ୍ତୁ ବିପ୍ଳବୀ ତତ୍ତ୍ୱ ସମ୍ପର୍କରେ ଯଦି ଗଭୀର ଉପଲବ୍ଧି ନଥାଏ, ତାହାହେଲେ ଏହିସବୁ କମ୍ରେଡ୍‌ମାନଙ୍କ ବକ୍ତବ୍ୟ ଦ୍ୱାରା ଦଳର ତତ୍ତ୍ୱ କାର୍ଯ୍ୟକାରୀଭାବରେ ଉପସ୍ଥାପନ ହେବା ପରିବର୍ତ୍ତେ reference ର ଚାପରେ ଅନେକ ସମୟରେ ଭାରାକ୍ରାନ୍ତ ହୋଇଯାଏ ଏବଂ ତା'ର କାର୍ଯ୍ୟକାରିତା ନଷ୍ଟ ହେଇଯାଏ । ଅଥଚ ଅନ୍ୟପକ୍ଷରେ ଯେଉଁ କମ୍ରେଡ ଜଣକ ବିପ୍ଳବୀ ତତ୍ତ୍ୱକୁ ଯଥାର୍ଥ ଭାବରେ ଆୟତ୍ତ କରିଛନ୍ତି, ସେ ଏତେ reference ନଦେଇ ପରିଲେ ମଧ୍ୟ ଅନ୍ୟର ବିପ୍ଳବୀ ଚରିତ୍ର ଗଠନ କରିବା କ୍ଷେତ୍ରରେ, ଅନ୍ୟକୁ ରାଜନୈତିକ ଚେତନା ସଂପନ୍ନ କରିବା ଓ ଦଳର ବକ୍ତବ୍ୟକୁ କାର୍ଯ୍ୟକାରୀଭାବରେ ଉପସ୍ଥାପନ କରିବା କ୍ଷେତ୍ରରେ ତାଙ୍କ ବକ୍ତବ୍ୟ ବେଶୀ ଫଳପ୍ରଦ (effective) ହୁଏ । ତାହାହେଲେ ଯେଉଁ କମ୍ରେଡ୍ ଜଣକ ଏତେ ଖବର ରଖନ୍ତି ଏବଂ ଭାଷଣ ଦେଇ ଜାଣନ୍ତି– ସେ ଜ୍ଞାନୀ ? ନା, ଅନ୍ୟ କମ୍ରେଡ୍ ଜଣକ ଯିଏ ହୁଏତ ବର୍ତ୍ତମାନ ବି ଏତେ ସବୁ ଖବର ଜାଣିବାର ସୁଯୋଗ ପାଇ ନାହାନ୍ତି, କିନ୍ତୁ ଏହି ଖବର ଗୁଡ଼ିକ ଯେଉଁଥିପାଇଁ ଦରକାର ସେହି ମୂଳ ବିଷୟଟିକୁ ଆୟତ୍ତ କରିଛନ୍ତି- ସେ ଜ୍ଞାନୀ ? ବାସ୍ତବରେ ଦେଖାଯାଉଛି ଏହି ଦ୍ୱିତୀୟ କମ୍ରେଡ୍ ଜଣକ ପ୍ରକୃତ ସଂସ୍କୃତିର ସ୍ୱାଦ ପାଇଛନ୍ତି, ଯଥାର୍ଥ ଶ୍ରେଣୀ ଦୃଷ୍ଟିଭଙ୍ଗୀକୁ ଆୟତ୍ତ କରିଛନ୍ତି ଏବଂ ବିପ୍ଳବୀ ଚେତନାର ବିଶେଷୀକୃତ ପରିପ୍ରକାଶ (concrete expression) ଏବଂ ଯଥାର୍ଥ ଶ୍ରେଣୀ ଆଚରଣ (class conduct)ର ଅଧିକାରୀ ହୋଇଛନ୍ତି ।

ମୋର ଏହି ଆଲୋଚନା ଦ୍ୱାରା ଏକଥା କେହି ଯେମିତି ନ ବୁଝନ୍ତି ଯେ, ମୁଁ ପଢ଼ାଶୁଣା କରିବାକୁ ନିରୁତ୍ସାହିତ କରୁଛି ବା ପଢ଼ାଶୁଣା କରିବାର କୌଣସି ଆବଶ୍ୟକତା ନାହିଁ ବୋଲି କହୁଛି । ପଢ଼ାଶୁଣା କରିବାର ଯଥେଷ୍ଟ ପ୍ରୟୋଜନ ରହିଛି । କିନ୍ତୁ ବିପ୍ଳବୀ ତତ୍ତ୍ୱ ଓ ଚରିତ୍ରକୁ ଆୟତ୍ତ କରି ନପାରିଲେ ପଢ଼ାଶୁଣା ଅନେକ ସମୟରେ କେବଳ ପୋଥିଗତ ପାଣ୍ଡିତ୍ୟରେ ପର୍ଯ୍ୟବସିତ ହୁଏ, ବିପ୍ଳବୀ ଉଦ୍ଦେଶ୍ୟ ସାଧନାରେ ତା'ର ଯେତିକି

ବି ସମ୍ଭାବନା ଥିଲା, ତାହା ମଧ୍ୟ ବ୍ୟର୍ଥତାରେ ପର୍ଯ୍ୟବସିତ ହୁଏ । ଏହାଛଡ଼ା ଯଥାର୍ଥ ଜ୍ଞାନ ଅର୍ଜନ ସମ୍ପର୍କରେ ସଠିକ୍ ଧାରଣା ପାର୍ଟି ଭିତରେ ନ ଥଲେ, ତାହାର ଅବଶ୍ୟମ୍ଭାବୀ ଫଳସ୍ୱରୁପ ଅଧିକାଂଶ ସମୟରେ ପାଠୁଆ ଲୋକଙ୍କ ମଧ୍ୟରେ ନିଜକୁ ବଡ଼ ବୋଲି ଭାବିବାର ଏକ ପ୍ରକାର ମାନସିକ ଜଟିଳତା (superiority complex) ଦେଖାଦିଏ ଏବଂ ଅନ୍ୟ ପକ୍ଷରେ ଅପାଠୁଆ ଲୋକଙ୍କ ଭିତରେ ନିଜକୁ ଛୋଟ ବୋଲି ଭାବିବାର ଏକପ୍ରକାର ମାନସିକ ଜଟିଳତା (inferior complex) ଜନ୍ମ ନିଏ । ଯେକୌଣସି କମ୍ୟୁନିଷ୍ଟ ପକ୍ଷରେ ସଠିକ ମାର୍କ୍ସବାଦୀ ଚରିତ୍ର ଗଠନ କ୍ଷେତ୍ରରେ ଏହି ଦୁଇଟି ଯାକ ହିଁ ମାରାତ୍ମକ ବାଧାସୃଷ୍ଟି କରିଥାଏ ।

ପ୍ରସଙ୍ଗକ୍ରମେ ଆଉ ଗୋଟିଏ କଥା ମନେରଖିବା ଦରକାର ଯେ, ପାରିପାର୍ଶ୍ୱିକ ସହିତ ସମ୍ପର୍କହୀନ ଭାବରେ କେବଳ ବହି ପଢ଼ି ଏକା ଏକା ବିପ୍ଳବୀ ହେବା ସମ୍ଭବ ନୁହେଁ । ବିପ୍ଳବୀ ହେବାକୁ ହେଲେ, ପାର୍ଟିର ସର୍ବାତ୍ମକ ସଂଗ୍ରାମ ଭିତରେ ନିଜକୁ ସଚେତନ ଭାବରେ ଜଡ଼ିତ କରିନେବାକୁ ହୁଏ, ଅଂଶୀଦାର (partisan) ହେବାକୁ ହୁଏ । କାହିଁକି ନା, ମନେରଖିବା ଦରକାର, ଆଜି ବି ବିପ୍ଳବର ସଠିକ ଉପଲବ୍ଧି ଭିତରେ ଶ୍ରେଣୀ ଉପଲବ୍ଧିର ପ୍ରଶ୍ନଟି ନିହିତ ଅଛି । ଫଳରେ ବିପ୍ଳବୀ ଚେତନାର ବିଶେଷୀକୃତ ପରିପ୍ରକାଶ (concrete expression) ହେଉଛି ଶ୍ରେଣୀ ଚେତନା । ତାହାହେଲେ, ଦେଖାଯାଉଛି, ବିପ୍ଳବ ପ୍ରତି ଆନୁଗତ୍ୟ ମାନେ ହେଉଛି ନିରଙ୍କୁଶଭାବେ ଶ୍ରେଣୀ ପ୍ରତି ଆନୁଗତ୍ୟ । ଏଠି ଏହି ଯେଉଁ ଶ୍ରେଣୀ ପ୍ରତି ଆନୁଗତ୍ୟ କଥା କୁହାଯାଉଛି, ଏହାର ସଠିକ ସ୍ୱରୂପଟି କ'ଣ ? ଏହାର ସଠିକ୍ ସ୍ୱରୂପ ହେଉଛି, ଶ୍ରେଣୀଦଳ (class party) ପ୍ରତି ଆନୁଗତ୍ୟ । ଫଳରେ, ଶ୍ରେଣୀ ଏବଂ ଶେଣୀ ଦଳ ପ୍ରତି ନିରଙ୍କୁଶ ଆନୁଗତ୍ୟ ଓ ଅଶେଷ ମମତ୍ୱବୋଧ ହେଉଛି ଶେଣୀ ଚେତନା ଓ ଶେଣୀ ଉପଲବ୍ଧିର ବିଶେଷୀକୃତ ପରିପ୍ରକାଶ । ସୁତରାଂ ଯଥାର୍ଥ ଜ୍ଞାନ ଅର୍ଜନ ଏବଂ ସଠିକ ବିପ୍ଳବୀ ଚେତନାର ଅର୍ଥ ହେଲା ସଠିକ ଶ୍ରମିକଶ୍ରେଣୀ ଦଳର ଚେତନାର ଯଥାର୍ଥ ଉପଲବ୍ଧି ଏବଂ ଶ୍ରେଣୀ ସ୍ୱାର୍ଥ ତଥା ଦଳର ସ୍ୱାର୍ଥ ସହିତ ନିଜର ସ୍ୱାର୍ଥକୁ ଅଙ୍ଗାଙ୍ଗୀଭାବେ ଜଡ଼ିତ କରିଦେବା– ଅନ୍ତତଃ ପ୍ରାତ୍ୟହିକ ଜୀବନରେ ନିଜ ସ୍ୱାର୍ଥ ଠାରୁ ଶ୍ରେଣୀ ସ୍ୱାର୍ଥକୁ ଅଧିକ ଗୁରୁତ୍ୱ ଦେବା । ଏଠି, ଏମିତି ହୋଇପାରେ ଯେ, ବାସ୍ତବ ଜୀବନ ଓ ସଂଗ୍ରାମ ଭିତରୁ ବିପ୍ଳବର ଏହିଭଳି ମୂଳ ତତ୍ତ୍ୱଗୁଡ଼ିକ କୌଣସି ଜଣେ କର୍ମୀ ଆୟତ୍ତ କରିବା ସତ୍ତ୍ୱେ ବି ବିଭିନ୍ନ ପ୍ରକାରର ତଥ୍ୟ ଓ ଖବରାଖବର ରଖିବା ବ୍ୟାପାରରେ– ଅର୍ଥାତ୍ ଯାହାକୁ ଆମେ ଖବରାଖବର (informative knowledge) ଜାଣିବା ସଂକ୍ରାନ୍ତୀୟ ଜ୍ଞାନ କହୁ, ସେ ବିଷୟରେ ଜାଣିବା କ୍ଷେତ୍ରରେ ସେ ପଛରେ ଅଛି । ଏହି ଖବରାଖବର ଜାଣିବା କଥାଟା ଉପରେ ମୁଁ ଏହି କାରଣରୁ ବାରମ୍ବାର ଜୋରଦେବାକୁ ଚାହୁଁଛି ଯେ, ଆମ ଦେଶରେ ଅଧିକାଂଶ କ୍ଷେତ୍ରରେ ପାଠପଢୁଆ ଲୋକମାନଙ୍କୁ ସମସ୍ତେ ଭୁଲବଶତଃ ଜ୍ଞାନୀ ବୋଲି

ଭାବି ଥାଆନ୍ତି । ଅଥଚ, ପାଠୁଆ ଲୋକମାନେ ବେଶୀ ଖବର ରଖନ୍ତି ବୋଲି ଏକଥା ପ୍ରମାଣିତ ହୁଏ ନାହିଁ ଯେ, ସେମାନେ ଶ୍ରମିକଶେଣୀ ରାଜନୀତି, ଶେଣୀ ଦୃଷ୍ଟିଭଙ୍ଗୀ, ପାର୍ଟି ଏବଂ ଜନଗଣଙ୍କ ସଂଗଠନ କିଭଳିଭାବରେ ଗଢ଼ିବାକୁ ହୁଏ, ବିପ୍ଳବୀ ହିସାବରେ କି ଭାବରେ ଆଚରଣ କରିବାକୁ ହୁଏ, ଏସବୁ କଥା ଭଲଭାବରେ ବୁଝନ୍ତି । ସାମାନ୍ୟ ତୁଳନା କଲେ ଦେଖାଯିବ ଯେ ଏହି ଦୁଇଟି ମଧ୍ୟରେ ଅନେକ ପାର୍ଥକ୍ୟ । ତାହେଲେ ଏକଥା ସ୍ପଷ୍ଟ ହୋଇ ଉଠୁଛି, ଆଚରଣବିଧି (code of conduct) କୁ ଆୟତ୍ତ କରିବାର ଏକ ପ୍ରଧାନ ସର୍ତ୍ତ ହେଲା– ବିପ୍ଳବ ସହିତ, ଶ୍ରେଣୀ ସହିତ  ଏବଂ ଦଳ ସହିତ  ଏକାତ୍ମତା ଗଢ଼ିତୋଳିବା । ଏହି ଏକାତ୍ମତାବୋଧ ଯାହାର ତୀବ୍ର, ସେ ନିଜ ଭିତରେ ଥିବା ବ୍ୟକ୍ତିସତ୍ତା ବା ଅହଂକୁ– ଯାହାସବୁ ପ୍ରତି ମୁହୂର୍ତ୍ତରେ ଜ୍ଞାତସାରରେ ବା ଅଜ୍ଞାତସାରରେ ଆମମାନଙ୍କୁ ବିପଥରେ ପରିଚାଳିତ କରିବାକୁ ଚାହେଁ, ଅସନ୍ତୁଷ୍ଟ, ବିକ୍ଷିପ୍ତ ଓ ଅଶାନ୍ତ କରିପକାଏ– ତାକୁ ଦମନ କରିପାରେ । ଏଇଟା ହେଲା ସବୁଠାରୁ ବଡ଼ ଅସ୍ତ୍ର । ଆମମାନଙ୍କର ଚିନ୍ତାଗତ ପ୍ରକ୍ରିୟା ଯେତେବେଳେ ବ୍ୟକ୍ତିଗତ, ସେ କ୍ଷେତ୍ରରେ ପାର୍ଟି ସହିତ ଏକାତ୍ମତା ଗଢ଼ି ତୋଳିବାର ସଂଗ୍ରାମ ଅମମାନଙ୍କର ପ୍ରତ୍ୟେକଙ୍କ ପକ୍ଷରେ ଅତ୍ୟନ୍ତ ଜରୁରୀ । ଏହି ଏକାତ୍ମତା ଗଢ଼ି ତୋଳିବାର ସଂଗ୍ରାମରେ ଯଦି କେହି ପଛେଇ ଥାଏ, ତାହାହେଲେ ବାହାରର ପରିବେଶ ତାକୁ ଯେତେ ଶିକ୍ଷା ଦେଉନା କାହିଁକି, ବ୍ୟକ୍ତିସତ୍ତାର ଉତ୍‌ପାତ୍‌ର ସେ କୌଣସି ଉପାୟରେ ନିଜକୁ ରକ୍ଷା କରିପାରିବେ ନାହିଁ ।

ଏହି ପ୍ରସଂଗରେ ଆଉ ଗୋଟିଏ ବିଷୟ ସମ୍ପର୍କରେ କିଛି କହିବା ଦରକାର । ଦଳ ଭିତରେ ଆଲୋଚନା ବା ସମାଲୋଚନା କରିବାକୁ ଯାଇ 'ଅଧିକାର' କଥାଟି ଅନେକ କର୍ମୀ ବ୍ୟବହାର କରିଥାଆନ୍ତି । 'ନ୍ୟାୟନୀତିବୋଧ' (ethics) ସମ୍ବନ୍ଧରେ ନ୍ୟୁନତମ ଧାରଣା ରହିଲେ ସମସ୍ତେ ଏକଥା ମାନିବେ ଯେ 'ଅଧିକାର'–ଏହି କଥାଟିର କୌଣସି ଅର୍ଥ ନାହିଁ, ଯଦି ତାହା 'ଦାୟିତ୍ୱବୋଧ'(obligation)କୁ ଭିତ୍ତି କରି ଗଢ଼ି ନ ଉଠେ । ନହେଲେ ଏହା ଏକ ଉଚ୍ଛୃଙ୍ଖଳତା, ନିଛକ ଗୋଟିଏ ସୁବିଧା (privilege) ମାତ୍ର । କିନ୍ତୁ କେତେଜଣ କର୍ମୀଙ୍କ ସମାଲୋଚନା କ୍ଷେତ୍ରରେ 'ଅଧିକାରବୋଧ'ର ଏହି ଉପଲବ୍ଧିର ପ୍ରତିଫଳନ ଦେଖିବାକୁ ମିଳେ ? ଏମିତି କିଛି କର୍ମୀ ଅଛନ୍ତି, ଯେଉଁମାନେ ଯେକୌଣସି ବିଷୟ ସମ୍ପର୍କରେ ମତାମତ ଦେବାକୁ ଭୃକ୍ଷେପ କରନ୍ତି ନାହିଁ ଏବଂ ତାହା କରିବାକୁ ଯାଇ ନିଜ ଭିତରେ ଏପରିକି ନ୍ୟୁନତମ ବିପ୍ଳବୀ ସୁଲଭ ନମ୍ରତା (revolutionary modesty) ମଧ୍ୟ ବଜାୟ ରଖନ୍ତି ନାହିଁ, ଅଥଚ କେତେଦୂର ପାର୍ଟି ଏବଂ ବିପ୍ଳବ ପ୍ରତି ନିଜର ଦାୟିତ୍ୱ ପାଳନ କରିଛନ୍ତି– ଥରେ ହେଲେବି ସେମାନେ ନିଜକୁ ପ୍ରଶ୍ନ କରନ୍ତି କି ? ସେହି ମାପକାଠିରେ ସେମାନେ ବିଚାର କରି ଦେଖିଛନ୍ତି କି ସେମାନଙ୍କର ଏତେକଥା କହିବାର ଅଧିକାର ଅଛିକି ନାହିଁ? ସେମାନେ କ'ଣ ସେମାନଙ୍କ ଆଚରଣ କ୍ଷେତ୍ରରେ ଥରେ ହେଲେ ବି

ବିଚାର କରି ଦେଖିଛନ୍ତି କି, ସେମାନଙ୍କର ତତ୍ତ୍ୱ ଜ୍ଞାନ ଓ ଦାୟିତ୍ୱବୋଧ ଯଦି ଠିକ୍ ହୋଇଥାନ୍ତା ତାହାହେଲେ ସେମାନଙ୍କର କାର୍ଯ୍ୟକଳାପରେ, ଆଚରଣରେ ପାର୍ଟି ସହିତ ସେମାନଙ୍କ ଏକାତ୍ମତା ଗଢ଼ି ତୋଳିବାର ସଂଗ୍ରାମର ପ୍ରତି ପଦକ୍ଷେପରେ ତାହାର ଯଥାଯଥ ପ୍ରକାଶ ଘଟିଥାଆନ୍ତା । ଅଥଚ ସେ ସମ୍ପର୍କରେ ସେମାନଙ୍କର ଲେଶମାତ୍ର ଭ୍ରୂକ୍ଷେପ ନାହିଁ । ଏହି ଯେ ନାହିଁ– ଏହା କ'ଣ ଇଚ୍ଛାକୃତ ? ସେମାନେ କ'ଣ ଏହା ଜାଣିଶୁଣି କରୁଛନ୍ତି ? ନା, ସେ ପ୍ରଶ୍ନ ଉଠୁନି ।

ଅବଶ୍ୟ ମୋର ଏହି ଆଲୋଚନା ଦ୍ୱାରା ଅନେକଙ୍କ ମନରେ ଏଭଳି ପ୍ରଶ୍ନ ଉଠିପାରେ, ଜଣେ ଯେହେତୁ ପାର୍ଟି ପ୍ରତି ନିଜର ଦାୟିତ୍ୱ କମ ପାଳନ କରୁଛି ଅର୍ଥାତ୍ ଭଲ କରି ପାର୍ଟି କାମ କରି ପାରୁନାହିଁ ତେବେ ତା ମନରେ ଯଦି କୌଣସି ପ୍ରଶ୍ନ ଦେଖାଦିଏ (point strike କରେ) ତାହେଲେ ଦଳର ମଙ୍ଗଳ ପାଇଁ କ'ଣ ସେ କଥା କହିପାରିବେ ନାହିଁ । ମୁଁ କହିବି, ନିଶ୍ଚୟ ତାହା ପାରିବେ । କାହାରି ସମାଲୋଚନାର ବିଷୟବସ୍ତୁ ଯଦି ଠିକ୍ ହୁଏ, ତା'ଦ୍ୱାରା ଦଳର ମଙ୍ଗଳ ହେବ ଏବଂ ଦଳ ଉପକୃତ ହେବ । ଏଥିରେ ଦଳର ଉପକାର, ଫଳରେ ଜଣେ କାମ କରୁନି ବୋଲି ସେ ସମାଲୋଚନା କଲେ ଆମେମାନେ କ୍ଷିପ୍ତହୋଇ ଉଠିବୁ, ଆମମାନଙ୍କ ତରଫରୁ ନେତାମାନଙ୍କ ତରଫରୁ ବା ଯେଉଁମାନଙ୍କ ସମ୍ପର୍କରେ ଏହି ସମାଲୋଚନା କରାଯାଇଛି, ସେମାନଙ୍କ ତରଫରୁ ଏଭଳି ଆଚରଣ ହେବା ଆଦୌ ଉଚିତ ନୁହେଁ । କୌଣସି ଲୋକ ଯଦି ଶତ୍ରୁ ବି ହୋଇଥାଏ ଏବଂ ପାର୍ଟି ସମ୍ପର୍କରେ ଯଦି ତାର କୌଣସି ପ୍ରଶ୍ନ ଦେଖାଦିଏ ତେବେ ତାର ବି ଜବାବ ଦେବାକୁ ହେବ । କାରଣ, ଆମେ ଦୁର୍ବଳ ନହୁଁ, ଆମେମାନେ ମିଥ୍ୟା ଦ୍ୱାରା କିଛି ଢାଙ୍କି ପକାଇବାକୁ ଚାହୁଁନା । ଆମେ ସତ୍ୟକୁ ଉଦ୍‌ଘାଟିତ କରିବାକୁ ଚାହୁଁଛୁ । ସମସ୍ୟା ବୁଝିବାକୁ ଚାହୁଁଛୁ । ଏପରିକି ଶତ୍ରୁ ବି ଯଦି କୌଣସି ସମସ୍ୟା ସମ୍ପର୍କରେ କିଛି କହେ, ତେବେ ତାହା ଆମେ ଗ୍ରହଣ କରିବାନି କାହିଁକି ? ମନେରଖିବା ଦରକାର, କୌଣସି ସମାଲୋଚକ– ସେ ବାହାରର ଲୋକ ହୁଅନ୍ତୁ ବା ଦଳର ଲୋକ ହୁଅନ୍ତୁ ବା ଶତ୍ରୁ ପକ୍ଷ ଲୋକ ହୁଅନ୍ତୁ– ଆମେ ମନେକରୁ ସେ ଆମର ଶିକ୍ଷକ । ସେଥିପାଇଁ ଯେଉଁ କର୍ମୀ କିଛି କରେନାହିଁ, କେବଳ ଅସନ୍ତୋଷ ପ୍ରକାଶ (grumble) କରେ ସେ ଜାଣେନି ଯେ, ଖାଲି ଅସନ୍ତୋଷ ପ୍ରକାଶ କରି ନିଜର ଏବଂ ପାର୍ଟିର ସ୍ୱାସ୍ଥ୍ୟକୁ ବିଷାକ୍ତ କରିଦେବା ବ୍ୟତୀତ କୌଣସି ସମସ୍ୟାର ସମାଧାନ କରାଯାଏନା– ସେ ଧରଣର କର୍ମୀ ଯଦି ଏମିତି କିଛି କହେ, ଯାହା ଆଲୋଚନା ହେବାର ଯୋଗ୍ୟ, ଅନ୍ତତଃ ତାହା ପୁର୍ନବିବେଚନା (re-examine) କରି ଦେଖିବା ଦରକାର । ଆମେ ତାହାର ପକ୍ଷପାତୀ । ଏ କ୍ଷେତ୍ରରେ ଯେହେତୁ ସେ କର୍ମୀଟି କିଛି କାମ କରେ ନାହିଁ, କେବଳ ଅସନ୍ତୋଷ ଓ ବିକ୍ଷୋଭ ପ୍ରକାଶ କରେ ସୁତରାଂ ତାର ଅଧିକାର ଅଛି କି ନାହିଁ– ଏ ପ୍ରଶ୍ନ ଉଠାଇବା ଅବାନ୍ତର । ଆମେମାନେ ତତ୍‌କ୍ଷଣାତ୍ ସେହି କର୍ମୀଟିର ପଶ୍ନ ଗ୍ରହଣ

କରିବାକୁ ଚାହୁଁ ଏବଂ ତାକୁ ଉତ୍ସାହିତ କରିବାକୁ ଚାହୁଁ । କିନ୍ତୁ ଏହା ତ ହେଲା ଆମମାନଙ୍କର ଦିଗ- ନେତୃତ୍ୱର ଦିଗ ।

କିନ୍ତୁ ମୁଁ ଯାହା କହିବାକୁ ଚାହୁଁଛି, ତାହା ହେଉଛି ଯେଉଁ କର୍ମୀ ଜଣକ ପ୍ରଶ୍ନ କରୁଛନ୍ତି, ଅଧିକାରର କଥା କହୁଛନ୍ତି, ସେ କ'ଣ ଭାବିବା ଉଚିତ ? ତାଙ୍କ ନିଜ ତରଫରୁ ଯେଉଁଟା ଭାବିବା ଉଚିତ, ତାହା ହେଉଛି, କିଛି କହିବା ଆଗରୁ, ତାଙ୍କର ଅନ୍ତତଃ କିଛି କରିବା ଦରକାର । ସେ ପ୍ରଥମେ ଭାବିବା ଦରକାର, ତାଙ୍କ ପରି ଅସଂଖ୍ୟ ଲୋକ ଯେଉଁମାନେ ଦଳ ସହିତ ଭଲ ଭାବରେ ଯୁକ୍ତ ହେଲେ ନାହିଁ, ଦଳର ସମସ୍ୟାକୁ ଭଲ ଭାବରେ ବୁଝିବାକୁ ଚେଷ୍ଟା କଲେ ନାହିଁ, ସାଙ୍ଗଠନିକ ଜୀବନ୍ତ ପ୍ରକ୍ରିୟା (organism) ଭିତରକୁ ଆସିଲେ ନାହିଁ, ସେମାନେ ସମସ୍ତେ ମିଶି ଯଦି ଏହି ଭାବରେ ନୀତିହୀନ ଓ ପଦ୍ଧତିହୀନ ସମାଲୋଚନା କରନ୍ତି ତାହାହେଲେ ଦଳର ସ୍ୱାସ୍ଥ୍ୟ, ଦଳର ସଂହତି କେଉଁଠି ଯାଇ ପହଁଞ୍ଚିବ ? ଏହାଦ୍ୱାରା ସେମାନଙ୍କର ନିଜର କୌଣସି ଉପକାର ହୁଏକି ? ଏହି ସବୁ କର୍ମୀମାନେ ଭାବି ଦେଖନ୍ତି ନାହିଁ ଯେ ସେମାନେ ଯେଉଁସବୁ ଅଧିକାର ପାଇଁ ଲଢୁଛନ୍ତି, ସେ ଅଧିକାର ପାର୍ଟି ସେମାନଙ୍କୁ ଗୋଟିଏ ପରେ ଗୋଟିଏ ଦେଉଛି ଏବଂ ନ ଦେଲେ ମଧ୍ୟ ଲଢ଼େଇ କରି ତାହା ଅର୍ଜନ କରିନେବାର ଅଧିକାର ସେମାନଙ୍କର ଅଛି ।

ଅବଶ୍ୟ ଅନେକ ସମୟରେ ଏମିତି ଘଟଣା ଘଟିପାରେ, ପାର୍ଟିର କୌଣସି ନେତୃସ୍ଥାନୀୟ ବ୍ୟକ୍ତି, ଯିଏ ସଂଗଠନ ପରିଚାଳନା କରିବା ଦାୟିତ୍ୱ (executive functioning) ରେ ଅଛନ୍ତି, କୌଣସି କର୍ମୀର ଏହି ଅଧିକାର ପ୍ରୟୋଗ କରିବା କ୍ଷେତ୍ରରେ ସେ ହସ୍ତକ୍ଷେପ କଲେ, ସେହି ଅଧିକାରକୁ ଖର୍ବ କଲେ । ଏମିତି ବି ଘଟିପାରେ । ଯେହେତୁ ଦଳଟି ଶ୍ରମିକଶ୍ରେଣୀର ଦଳ, ତେଣୁ ଏହାର କୌଣସି ତ୍ରୁଟି ବିଚ୍ୟୁତି ହୋଇପାରେନା, ଏକଥା ସେହିମାନେ ହିଁ କହନ୍ତି, ଯେଉଁମାନେ ନିଜେ ହାତ କଲମରେ କାମ କରିନାହାନ୍ତି । ସେମାନେ ଖୁବ ବେଶି ହେଲେ ଦୁଇ ଚାରିଜଣ ଲୋକଙ୍କୁ ନେଇ ଅବାସ୍ତବ ସ୍ୱପ୍ନ ଦେଖିପାରନ୍ତି- କିନ୍ତୁ ଯେଉଁମାନେ ନିଜ ହାତରେ ସଂଗଠନ ଗଢ଼ିଛନ୍ତି ସେମାନେ ଜାଣନ୍ତି ଭଲ ଲୋକ, ସତ୍ (honest) ଲୋକ ହେବା ସତ୍ତ୍ୱେ କେତେ ବିଚିତ୍ର ଘଟଣା ଘଟିଥାଏ । ଜଣେ ନେତୃସ୍ଥାନୀୟ ସଂଗଠକ (executive) କ୍ଷେତ୍ରରେ ସତ୍ ହେବା ସ୍ୱତ୍ତ୍ୱେ ମଧ୍ୟ ଏମିତି ଘଟଣା ଘଟିପାରେ । ଏହିସବୁ ସମସ୍ୟା ଅନେକ ଜଟିଳ । କେଉଁ ଭାବରେ କର୍ମୀମାନଙ୍କର ସାଧାରଣ ବିକାଶର ରାସ୍ତାଗୁଡ଼ିକ ଖର୍ବ (restrain) କରାଯାଏ, କି ଭାବରେ ଅନେକ ସମୟରେ ନ ଜାଣି ନ ଶୁଣି (innocently) ସେମାନଙ୍କ ଉପରେ ବାଧାନିଷେଧ ଚାପି ଦିଆଯାଏ (restriction impose କରାଯାଏ), କିଭଳି ଶୃଙ୍ଖଳା ରକ୍ଷା ନାଆଁରେ ଦଳ ଭିତରେ ଥିବା ଗଣତାନ୍ତ୍ରିକ ଅଧିକାରଗୁଡ଼ିକୁ ରୋଧ କରାଯାଏ, ସେ ସବୁ ଆମେ ଜାଣିଛୁ । ଏହି ଧରଣର ଘଟଣା ଗୋଟିଏ ଆଦର୍ଶ ଶ୍ରମିକଶ୍ରେଣୀ ଦଳରେ ମଧ୍ୟ ଘଟିଥାଏ,

ଘଟିପାରେ । ସୁତରାଂ, ଆମ ଦଳ ଭିତରେ ତାହା ଘଟିବନି- ଏକଥା ଭାବିବାର କୌଣସି କାରଣ ନାହିଁ ।

ଏହିଭଳି ଘଟଣା ଯଦି ଘଟେ, ତେବେ ତାହା ନେତାଙ୍କ କ୍ଷେତ୍ରରେ ଘଟିଲେ ବି ତାହାକୁ ବିରୋଧିତା (fight) କରିବାର ଆବଶ୍ୟକତା ରହିଛି । ନହେଲେ, ନେତାର ମଧ୍ୟ ଅଧଃପତନ ହୁଏ, କର୍ମୀମାନଙ୍କର ଅଧଃପତନକୁ ମଧ୍ୟ ଏଡାଇ ଦେଇ ହୁଏନା । କିନ୍ତୁ, ଏହା ବିରୁଦ୍ଧରେ ସଂଗ୍ରାମର ଯଥାର୍ଥ ଉପାୟ କ'ଣ ? କର୍ମୀମାନେ ଯେଉଁ ଅଧିକାର ସବୁ ଅର୍ଜନ କରିଛନ୍ତି, ଏହା ହାତରୁ ତା'ର ରକ୍ଷା କରିବାର ସଠିକ୍ ରାସ୍ତା କ'ଣ ? ସେହି ରାସ୍ତାଟି ଏପରି ହୋଇପାରେନା ଯେ, ପାର୍ଟିର ସ୍ୱାସ୍ଥ୍ୟ ଅକ୍ଷୁର୍ଣ୍ଣ ରଖିବା ଉଦ୍ଦେଶ୍ୟରେ ଅଧିକାର ରକ୍ଷା କରିବାର ଏହି ସଂଗ୍ରାମ କରିବାକୁ ଯାଇ ଦଳର ସ୍ୱାସ୍ଥ୍ୟ ନଷ୍ଟ ହୋଇଗଲା । ଏଭଳି କାଇଦାରେ ଅଧିକାର ପାଇଁ ଲଢ଼େଇ ହେଲା ଯେ, ପାର୍ଟି ଭିତରେ ଯେତେ ଟିକେ ସ୍ୱାସ୍ଥ୍ୟ ଥିଲା ତାହା ମଧ୍ୟ ନଷ୍ଟ ହୋଇଗଲା । ପାର୍ଟି ଭିତରେ ପରସ୍ପର ମଧ୍ୟରେ ଝଗଡ଼ା ବଢ଼ିଲା, କନ୍ଦଳ ବଢ଼ିଲା, ସଂଶୟ ବଢ଼ିଲା । ପ୍ରତ୍ୟେକଙ୍କ ମୁହଁରେ କାଳିମାର ଛାୟା, କେହି ପରିଷ୍କାର ଭାବରେ ହସି ପାରନ୍ତି ନାହିଁ, କଥା କହିପାରନ୍ତି ନାହିଁ, ଅଥଚ ଜଣେ ଅନ୍ୟ ଜଣଙ୍କ ଆଡୁଆଳରେ ପରସ୍ପର ବିରୁଦ୍ଧରେ ସମାଲୋଚନା କରି ଚାଲିଛନ୍ତି । ଏହା କ'ଣ ସୁସ୍ଥତାର ଲକ୍ଷଣ ? ମନେରଖିବା ଦରକାର ସମାଲୋଚନା କରିବା ଏବଂ ଝଗଡ଼ା କରିବା ଏକା କଥା ନୁହେଁ । ଯଦି ସମାଲୋଚନା ଦଳର ସ୍ୱାର୍ଥରେ, ଦଳର ସଂହତିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କରା ଯାଆନ୍ତା, ତାହାହେଲେ ଆଡୁଆଳରେ ସମାଲୋଚନାର ପ୍ରୟୋଜନ କ'ଣ ? ଯେଉଁ ସମାଲୋଚନା ଜଣଙ୍କର ଅନୁପସ୍ଥିତିରେ କରା ହୋଇଥାଏ ତାହା ତାଙ୍କର ସମ୍ମୁଖରେ କରାଯିବ ନାହିଁ କାହିଁକି ? ସେଥିପାଇଁ ଅନ୍ତରାଳର ପ୍ରୟୋଜନ ହୁଏ କାହିଁକି ? ଟିକେ ଅଲଗାକରି ଫୁସୁର ଫାସର କରିବାର ଦରକାର କ'ଣ ? ପୁଣି ଠିକ୍ ସମାଲୋଚନାର ପର୍ଯ୍ୟାୟଭୁକ୍ତ ନ ହେଲେ ବି ଅନେକ ସମୟରେ ଦେଖାଯାଏ- କର୍ମୀ ଓ ନେତାମାନଙ୍କ ମଧ୍ୟରୁ କହି କେହି ହୁଏତ କେଉଁଠି କେଉଁ ଘଟଣା ଉପରେ କହୁଛନ୍ତି ବା ହୁଏତ ବା ହୁଏତ କେଉଁଠି କାହା ସମ୍ପର୍କରେ କିଛି ଆଳାପ-ଆଲୋଚନା କରୁଛନ୍ତି ବା ହୁଏତ କୌଣସି 'reference' ଦେଉଛନ୍ତି- ମାତ୍ର ସେମାନେ ଏହା କହିବା କ୍ଷେତ୍ରରେ, ଠିକ୍ ଯେଉଁ ଭାବରେ ପ୍ରକାଶ କରୁଛନ୍ତି, ନେତାମାନଙ୍କ ସମ୍ମୁଖରେ ବା ଖୋଲାଖୋଲି ପରିବେଶରେ ଠିକ୍ ସେହିଭଳିଭାବରେ ପ୍ରକାଶ କରି ପାରୁନାହାନ୍ତି ବା କରୁନାହାନ୍ତି । ଏମାନଙ୍କ ମଧ୍ୟରେ ଦୁଇଟି ଗୋଷ୍ଠି ଅଛନ୍ତି । ଦଳେ ଏହା ଜାଣିଶୁଣି କରନ୍ତି । ଯଦିଓ ବର୍ତ୍ତମାନ ଏମାନଙ୍କ ସଂଖ୍ୟା ଖୁବ୍ ନଗଣ୍ୟ, ସେମାନେ ନୀତିହୀନ (unscrupulous) । ସେମାନଙ୍କ ଏଭଳି ଆଚରଣ ସମ୍ପର୍କରେ ଦଳର ନେତୃତ୍ୱ ସଚେତନ ଅଛି ବା ଦଳର ନେତୃତ୍ୱ ସେକଥା ଜାଣେ । କିନ୍ତୁ ଗୋଟିଏ ପକ୍ଷରେ ଦଳ ଯେପରି ଏହି ତ୍ରୁଟି- ବିଚ୍ୟୁତିରୁ ନିଜକୁ ମୁକ୍ତ

କରିବା ପାଇଁ ସେମାନଙ୍କୁ ସମୟ ଦେଉଛି, ଅନ୍ୟପକ୍ଷରେ ଦଳର ସାମଗ୍ରିକ ଏବଂ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ସେମାନଙ୍କ ବିରୁଦ୍ଧରେ ଏଇ ମୁହୂର୍ତ୍ତରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରୟୋଜନ ମନେ କରୁନାହିଁ । କିନ୍ତୁ ଦଳର ନେତୃତ୍ୱ ଯେ ଏକଥା ଜାଣେ, ମୋ କଥାରୁ ହିଁ ଆପଣମାନେ ତାହା ବୁଝିପାରୁଥିବେ । ଆଉ ଦଳେ ଅଛନ୍ତି, ଯେଉଁମାନେ ସତ୍ ହୋଇ ମଧ୍ୟ ଏପ୍ରକାର ଆଚରଣର ଶୀକାର ହୋଇ ପଡୁଛନ୍ତି । ସେମାନେ ଜାଣନ୍ତି ନାହିଁଯେ, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଏହିଭଳି ଘଟଣା ଘଟେ । ସେମାନେ ଦଳ ପାଖରେ ଯେତେବେଳେ କୁହନ୍ତି- ସେତେବେଳେ ଦଳ, ନେତୃତ୍ୱର ଉପସ୍ଥିତି ଏବଂ ପରିବେଶ ଯୋଗୁଁ ସେମାନଙ୍କ ଉପରେ ଯେଉଁ ପ୍ରଭାବ (restraing effect) ପ୍ରତିଫଳିତ ହୁଏ, ତାହାରି ଯୋଗୁଁ ସେମାନଙ୍କ ବକ୍ତବ୍ୟ ଅନ୍ୟରକମ ହୋଇଯାଏ କିନ୍ତୁ ଆମେମାନେ ଦେଖିଛୁ, ସେମାନେ ବାହାରେ ଯାହା କୁହନ୍ତି, ଦଳଭିତରେ ଖୋଲାଖୋଲି ପରିବେଶରେ ବା ନେତୃତ୍ୱ ଆଗରେ ତାହା କହନ୍ତି ନାହିଁ । ଯେତେବେଳେ କୌଣସି ନେତା ବା କର୍ମୀ ଏଇ ଧରଣର ରିପୋର୍ଟ ବା ଆଲୋଚନା ତଥା ସମାଲୋଚନା କରନ୍ତି ସେଗୁଡ଼ିକ ଯେ ସମ୍ପୂର୍ଣ୍ଣ କମ୍ୟୁନିଷ୍ଟ ଆଚରଣବିଧି (code of conduct) ସମ୍ମତ ନୁହେଁ, ଏହା ସେମାନେ ବୁଝିପାରନ୍ତି ନାହିଁ । ଏହି ଧରଣର ଘଟଣା ସେମାନଙ୍କ ଅଜ୍ଞାତରେ ହିଁ ଘଟେ ଏବଂ ଏହି ଧରଣର ଆଚରଣର ଅନୁକୂଳରେ ସୁବିଧା ଅନୁଯାୟୀ ଯୁକ୍ତିଧାରାର (rationalisation) ରାସ୍ତାରେ ଯୁକ୍ତିସମ୍ମତ ମନେ ହୋଇ ଏହା ସେମାନଙ୍କ କ୍ଷେତ୍ରରେ ଘଟେ । ସେମାନଙ୍କର ଏବିଷୟରେ ସତର୍କ ହେବାର ପ୍ରୟୋଜନ ଅଛି । କିନ୍ତୁ, ଯେଉଁମାନେ ଜାଣିଶୁଣି କରନ୍ତି ସେମାନଙ୍କର ମଧ୍ୟ ଭାବି ଦେଖିବା ଦରକାର ଯେ, ଏହାଦ୍ୱାରା ସେମାନଙ୍କର କି ଲାଭ ହେଉଛି ? ଯେଉଁ ବିପ୍ଳବ ପାଇଁ ସେମାନେ ଜୀବନକୁ ନୀୟୋଗ କରିଛନ୍ତି, ସେହି ବିପ୍ଳବର କାମ କେତେଦୂର ଅଗ୍ରସର ହେଉଛି ? ଏହିଭଳି ଯେଉଁମାନେ ଆଚରଣ କରନ୍ତି, ସେମାନେ ନିଜକୁ ଏପ୍ରଶ୍ନଟି ପଚାରନ୍ତି ନାହିଁ । ତା' କଲେ ହିଁ ସେମାନେ ସହଜରେ ଦେଖି ପାରନ୍ତେ ସେମାନେ ନିଜେ କେତେ ଦୂର ଅସୁସ୍ଥ । ଏହି ଧରଣର ଆଲୋଚନା ବା ସମାଲୋଚନା କମ୍ୟୁନିଷ୍ଟ ଅଚରଣବିଧି ସମ୍ମତ ନୁହେଁ, ଏକ ନିଛକ ଆତ୍ମତୃପ୍ତି ମାତ୍ର । ଏହା ଭିତରେ ଏମିତି ଗୋଟିଏ କିଛି ଅଛି, ଯେଉଁଟା ନୈର୍ବ୍ୟକ୍ତିକ (impersonal) ନୁହେଁ, ଦଳର ସ୍ୱାର୍ଥ ସହିତ ସମ୍ପର୍କଯୁକ୍ତ ନୁହେଁ । କୌଣସି ନେତା ବା କର୍ମୀ ବିରୁଦ୍ଧରେ ଯଦି କିଛି ଆଲୋଚନା ବା ସମାଲୋଚନା କରାଯାଏ, ତାର ସାମନାରେ ମଧ୍ୟ ତାହା କୁହାଯାଇପାରେ । ଏପରିକି ହସି ହସି ତାହା କୁହାଯାଇପାରେ । ସେଥିରେ ବରଂ ସମ୍ପର୍କ ଭଲ ହୁଏ, ସଂହତି ଆହୁରି ସୁଦୃଢ଼ ହୁଏ ।

ମୁଁ ଏଠି ଆଉ ଗୋଟିଏ କଥା କହିବାକୁ ଚାହେଁ, ପାର୍ଟି କମ୍ରେଡ଼ମାନେ ପରସ୍ପର ଭିତରେ ମତଭେଦ ନେଇ ଯୁକ୍ତିତର୍କ କରୁ କରୁ କେତେବେଳେ କେମିତି ଉତ୍ତେଜିତ ମଧ୍ୟ ହୋଇ ପାରନ୍ତି, ଏପରିକି ଉତ୍ତେଜନାର ବଶବର୍ତ୍ତୀ ହୋଇ ସଂଯମ (temper) ରକ୍ଷା ନ

କରିପାରି ଜଣେ କମ୍ରେଡ୍ ଅନ୍ୟ ଜଣେ କମ୍ରେଡ୍‌ଙ୍କୁ ମାଡ଼ ବି ଦେଇପାରେ । ଏଭଳି ଘଟଣା ଘଟିପାରେ, ଏହା ଅସ୍ୱାଭାବିକ ନୁହେଁ । ତଥାପି ସବୁ ସମୟରେ ମନେରଖିବାକୁ ହେବ ଯେ, ସାଧାରଣତଃ ଏପ୍ରକାରର ଘଟଣା ଘଟିବା ଉଚିତ୍ ନୁହେଁ । ଏପରି ଘଟଣା ଯଦି ଘଟିଯାଏ ଯେ କେହି ତର୍କ କରୁ କରୁ ନିଜକୁ ସଂଯତ ରଖିପାରିଲେ ନାହିଁ, ସେ କ୍ଷେତ୍ରରେ ଯିଏ ମାଡ଼ ମାରିବ ସେ ଲଜ୍ଜିତ ହେବ ଏବଂ ଭବିଷ୍ୟତରେ ନିଜକୁ ସଂଯତ କରିବା ପାଇଁ ଚେଷ୍ଟା କରିବ । କାରଣ କମ୍ରେଡ୍‌ମାନଙ୍କୁ ମନେରଖିବାକୁ ହେବ ଆମମାନଙ୍କର ତର୍କବିତର୍କର ଉଦ୍ଦଶ୍ୟ କ'ଣ ? ଆମ ତର୍କ ବିତର୍କର ଉଦ୍ଦେଶ୍ୟ ହେଉଛି ବିପ୍ଳବର ଏବଂ ଦଳର ସ୍ୱାର୍ଥ ପାଇଁ ନିଜ ଭିତରେ ଥିବା ମତପାର୍ଥକ୍ୟ ବିଷୟଗୁଡ଼ିକୁ ସମାଧାନ କରି ନିଜ ମଧ୍ୟରେ ସଂହତି ଆହୁରି ସୁଦୃଢ଼ କରିବା । କିନ୍ତୁ ଆଚରଣ ଯଦି ଏପରି ହୁଏ, ଯାହା ସଂହତିକୁ ଗଢ଼ି ତୋଳିବା ପରିବର୍ତ୍ତେ ବିଘ୍ନିତ କରେ, ନିଜ ଭିତରେ ଭୁଲ ବୁଝାମଣା ସୃଷ୍ଟି କରେ ଏବଂ ତର୍କ ବିତର୍କର ମୂଳ ଉଦ୍ଦେଶ୍ୟକୁ ବ୍ୟର୍ଥ କରେ, ତାହାହେଲେ କମ୍ରେଡ୍‌ମାନଙ୍କ ପକ୍ଷରେ ତାହା ପରିତ୍ୟାଗ କରିବା ଉଚିତ । କିନ୍ତୁ ଏହା ସତ୍ତ୍ୱେ ଯଦି କେତେବେଳେ ଏ ପ୍ରକାର ଘଟଣା ଘଟିଯାଏ, ତେବେ ଯିଏ ମାଡ଼ ଖାଇଲେ ତାଙ୍କର ମଧ୍ୟ ଏଭଳି ଭାବିବା ଦରକାର ଯେ ଦୁଇ ଜଣ ପରସ୍ପର କମ୍ରେଡ୍ ବୋଲି ସିନା ଅପର ଜଣକ ପକ୍ଷରେ ଏ ପ୍ରକାରର ଆଚରଣ କରିବା ସମ୍ଭବ ହେଲା । କହିଁକିନା, ରାଗିଗଲେ ବା ଉତ୍ତେଜିତ ହୋଇଗଲେ, ଅପରିଚିତ ବାହାରର ସାଧାରଣ ଲୋକଙ୍କୁ କେହି ଥାପଡ଼ ମାରେନା ବା ମାରିବାକୁ ଉଠେନା । ଅତଏବ ଏଧରଣର ଘଟଣା କେତେବେଳେ କେମିତି ଯଦି ଘଟିଯାଏ, ତେବେ ସେଥିରେ ମନ ଖରାପ କରିବାର କ'ଣ ଅଛି । ବରଂ ସେ ନିଜେ ଆଲୋଚନା ଓ ତର୍କ-ବିତର୍କର ମୂଳ ଉଦ୍ଦେଶ୍ୟକୁ ସଠିକ୍ ଭାବରେ ବୁଝି ଯିଏ ଏହି ଧରଣର ଆଚରଣ କରିଛନ୍ତି, ତାଙ୍କୁ ମଧ୍ୟ ତାହା ବୁଝାଇବାକୁ ଚେଷ୍ଟା କରିବେ । ଫଳରେ ଏହି ଧରଣର ଘଟଣାକୁ ଅନ୍ୟ ଭାବରେ ନେବାର କୌଣସି ମାନେ ନାହିଁ । ତାକୁ ଅନ୍ୟ ଭାବରେ ନେବାର ଅର୍ଥ ହେଲା, ଯିଏ ଏହାକୁ ଅନ୍ୟଭାବରେ ନେଲେ, ବୁଝିବାକୁ ହେବ, ପାର୍ଟି ଭିତରେ ତାଙ୍କର ଅଲଗା ଏକ ବ୍ୟକ୍ତିସତ୍ତା ରହିଛି । ତାହାହେଲେ, ଯେଉଁ କର୍ମୀ ପାର୍ଟି ପାଇଁ 'ପ୍ରାଣ' ଦେଇ ପାରନ୍ତି ଅଥଚ ତାଙ୍କର ବ୍ୟକ୍ତିସତ୍ତାକୁ ବିସର୍ଜନ ଦେଇପାରନ୍ତି ନାହିଁ, ତାଙ୍କ ଅହଂ ଏବଂ ମିଥ୍ୟା ମର୍ଯ୍ୟାଦାବୋଧକୁ ଜଳାଞ୍ଜଳି ଦେଇପାରନ୍ତି ନାହିଁ, ସେ କେଉଁ ଧରଣର ବିପ୍ଳବୀ ! ସୁତରାଂ, ଯେଉଁ କର୍ମୀ ମଇଦାନରେ ବିପ୍ଳବ ପାଇଁ ଗରମ ଗରମ ବକ୍ତୃତା ଦିଅନ୍ତି, ଜୀବନ ଦେଇପାରନ୍ତି ବୋଲି କୁହନ୍ତି, ଜେଲ ଯାଆନ୍ତି-ଅଥଚ ନିଜ ଅହଂକୁ ପରିତ୍ୟାଗ କରିପାରନ୍ତି ନାହିଁ, ସେ ଅସଲରେ ନକଲି ବିପ୍ଳବୀ । ଦିନେ ନା ଦିନେ ଏହି ନକଲି ରୂପ ଧରା ପଡ଼ିଯିବ ହିଁ ଯିବ । ହଜାରେ ବିପ୍ଳବ ବିପ୍ଳବ ଏବଂ ଫାଶୀଖୁଣ୍ଟକୁ ଯିବାପରେ ମଧ୍ୟ ଏହି ନକଲି ଚରିତ୍ର ଧରା ନପଡ଼ି ରହିପାରେନା । ହୁଏତ ସିଧାସଳଖ କୁତ୍ସିତ (filthy) ରୂପ ନେଇ ଧରା ପଡ଼େନି ।

କିନ୍ତୁ ଯେତେ ବୁଦ୍ଧିମତ୍ତାର ଆବରଣ (intellectual garb) ନେଇ ଚାଲନ୍ତୁ ନା କାହିଁକି, ଏହା ଧରା ପଡିବାକୁ ବାଧ୍ୟ । କର୍ମୀମାନଙ୍କର ଏକଥା ବିଶେଷ ଭାବରେ ମନେରଖିବା ଦରକାର, ଯେତେ କ୍ଷୁଦ୍ର ଆକାରରେ ହେଉନା କାହିଁକି, ବ୍ୟକ୍ତିବାଦ ବା ଅହଂବୋଧ ଏହି ଭାବରେ ରହିଗଲେ ଦିନେ ନା ଦିନେ ଏହା ଭିତରୁ ରାଜନୈତିକ ସୁବିଧାବାଦ, ହଠକାରିତା ଓ ସଂଶୋଧନବାଦର ଜନ୍ମ ହୋଇଥାଏ । ନହେଲେ ଏକଦା ବହୁ ସ୍ୱାର୍ଥ ତ୍ୟାଗୀ ଜଣେ ବିପ୍ଳବୀ କର୍ମୀ କପରି ଭାବରେ ପରବର୍ତ୍ତୀ  ଜୀବନରେ ସମସ୍ତ ପ୍ରକାର ବପ୍ଳବୀ ଆନ୍ଦୋଳନରୁ ଧୀରେ ଧୀରେ ପୁରାପରି ବିଚ୍ଛିନ୍ନ ହୋଇଯାଏ ବା ସଂଶୋଧନବାଦୀରେ ରୂପାନ୍ତରିତ ହୁଏ, ଏକଥା କୌଣସିମତେ ବୁଝି ହେବନାହିଁ ।

ମନେରଖିବା ଦରକାର, ସବୁ ତର୍କ ବିତର୍କ ଏବଂ ଆଲୋଚନା କ୍ଷେତ୍ରରେ ଯେଉଁଠି ବିପ୍ଳବୀ ତତ୍ତ୍ୱ ନେଇ ଲଢ଼େଇ ସେଠି ଶତ୍ରୁତା ଗଢ଼ି ଉଠିବାର କୌଣସି ଅବକାଶ ନାହିଁ । ପାର୍ଟି ପାଇଁ ଯିଏ ଜୀବନ ଦେଇପାରେ, ପାର୍ଟି ସମ୍ପର୍କରେ ତାର ବିକ୍ଷୁବ୍ଧ ମନୋଭାବ ହେବ କାହିଁକି ? ହୁଏତ ଏମିତି ହୋଇପାରେ ଯେ ପାର୍ଟିର କୌଣସି ସିଦ୍ଧାନ୍ତ ସହିତ ସେ ଏକମତ ହୋଇପାରୁନି, ଯଦି ଏହି ମତପାର୍ଥକ୍ୟର ଚରିତ୍ର ମୌଳିକ ହୋଇଥାଏ, ତେବେ ସେ ଅଲଗା ପାର୍ଟି କରିବ । ସେ କ୍ଷେତ୍ରରେ ଲଢ଼େଇ ସହଜ-ସିଧାସଳଖ ଲଢ଼େଇ । ସେଠି ଗୋଷ୍ଠୀ ଚକ୍ରାନ୍ତର (cligue-coterie) କୌଣସି ବ୍ୟାପାର ନାହିଁ । ସମସ୍ତ ଜିନିଷ ହିଁ ସିଧାସଳଖ । ଏହିଭଳି ପରିସ୍ଥିତିରେ ତାର ଫୁସର ଫାସର କରିବାର କୌଣସି ଆବଶ୍ୟକତା ନାହିଁ । ପୁଣି, ଯଦି ଘଟଣାଟା ଏପରି ହୁଏ ଯେ, ପାର୍ଟିର ମୂଳ ରାଜନୈତିକ ବକ୍ତବ୍ୟ ସହିତ ତାଙ୍କର ମେଳ ରହିଛି- ଏହି ପାର୍ଟି ହିଁ କରିବାର ସିଦ୍ଧାନ୍ତରେ ସେ ପହଞ୍ଚିଛନ୍ତି- କିନ୍ତୁ, କେତେକ ଘଟଣା ନେଇ ମତପାର୍ଥକ୍ୟ ଘଟିଛି, ତାହାହେଲେ ସେ ସିଧାସଳଖ ଆଳାପ-ଆଲୋଚନା ଜରିଆରେ ସେଗୁଡ଼ିକର ସମାଧାନ କରିନେବେ । ସେଥିପାଇଁ ପାର୍ଟି ଭିତରେ ଦଳେ କର୍ମୀଙ୍କ ବିରୁଦ୍ଧରେ ଆଉ ଦଳେ କର୍ମୀଙ୍କୁ, ୟା ସହିତ ତାକୁ, ଏହିପରିଭାବରେ ନାନା ପ୍ରକାରରେ ବିଭିନ୍ନ କମ୍ରେଡ୍‌ଙ୍କ ପରସ୍ପର ସମ୍ପର୍କକୁ ବିଷାକ୍ତ କରି ପକାଇବାର କୌଣସି ପ୍ରୟୋଜନ ନାହିଁ । ପାର୍ଟି ଭିତରେ ଆମେ ଅନେକ କଥା ଭାବୁ । ଏହି ଭାବନା ଦୁଇ ପ୍ରକାରର: ବ୍ୟକ୍ତିଗତ ଏବଂ ସମଷ୍ଟିଗତ । କିନ୍ତୁ କର୍ମୀମାନଙ୍କୁ ମନେରଖିବାକୁ ହେବ, ବ୍ୟକ୍ତିଗତ ଭାବନା ସମଷ୍ଟିଗତ ଭାବାନର ବ୍ୟକ୍ତି-ପ୍ରତିଫଳନ ହେବା ଦରକାର । ତେଣୁ ସବୁ ବିଷୟରେ, ଏହି ବ୍ୟକ୍ତିଗତ ଭାବନାର ରୀତିଟି କ'ଣ ହେବା ଉଚିତ । ତାହା ହେଉଛି, ବ୍ୟକ୍ତିଗତ ଭାବନା ସହିତ **ପାର୍ଟିଗତ ଭାବନାର ଯେଉଁ ଦ୍ୱନ୍ଦ୍ୱ ଓ ସଂଘାତ ଚାଲିଛି ତାକୁ ସମାଧାନ** (resolve) କରି ପ୍ରତି କ୍ଷେତ୍ରରେ ଦଳଗତ ଭାବନାକୁ ଗ୍ରହଣ କରିବାକୁ ହେବ । ଏହା ହେଉଛି ଦଳ ସହିତ ବ୍ୟକ୍ତିର ନିଜକୁ ବିଲୀନ କରି ଦେବାର (identification) ସଂଗ୍ରାମର ପୂର୍ବ ସର୍ତ୍ତ । ଏହି ସଂଗ୍ରାମ ଭିତରେ ପ୍ରତ୍ୟେକ ନିଜକୁ

ନିଯୋଜିତ କରି ନ ପାରିଲେ କାହିଁକି ଜଣେ କର୍ମୀଙ୍କୁ ଆଉ ଜଣେ କର୍ମୀର ଚାଲିଚଳଣ ଅଖାଡୁଆ ଲାଗେ, କାହିଁକି ଜଣେ ଆଉ ଜଣକୁ ପସନ୍ଦ କରି ପାରେନାହିଁ- ସେଇଟା ଖୋଜି ବାହାର କରାଯାଇ ପାରିବ ନାହିଁ । ଅସଲରେ ଏସବୁ ବ୍ୟାପାର ଭିତରେ ଯଦି ଏକ ବ୍ୟକ୍ତିକୈନ୍ଦ୍ରିକ ଦିଗ ନଥାନ୍ତା, ତାହାହେଲେ ଏହାକୁ କେନ୍ଦ୍ରକରି କୌଣସି ସମସ୍ୟା ଦେଖା ଦିଅନ୍ତା ନାହିଁ । ଧରନ୍ତୁ ଜଣେ କର୍ମୀ ନିଜେ ମନେ ମନେ ଭାବି ନେଲେ ଯେ, କୌଣସି ଏକ ବିଷୟରେ ନେତାମାନଙ୍କର ଅତିରିକ୍ତତା ପ୍ରକାଶ ପାଉଛି । ତେଣୁ ସେ ମନେକଲେ, ଏଇଟା ଠିକ୍ କଥା ହଉନି । କିନ୍ତୁ ସେ ତାହା ଖୋଲାଖୋଲି ପ୍ରକାଶ ନକରି ନିଜ ମନ ଭିତରେ ସେ ଭାବନାକୁ ପ୍ରଶ୍ରୟ ଦେଇ ଚାଲିଲେ । ଅର୍ଥାତ୍ ସେ ନିଜେ ହିଁ ଠିକ୍ କରିନେଲେ ଯେ, କୌଣସି ଘଟଣା ଉପରେ ପାର୍ଟିର ଦଳେ ନେତା ଗୋଟିଏ ପ୍ରକାର ଚିନ୍ତା କରୁଛନ୍ତି, ଆଉ ଦଳେ ନେତା ଅନ୍ୟ ଏକ ପ୍ରକାର ଚିନ୍ତା କରୁଛନ୍ତି, ସେ ନିଜେ ପୁଣି ଅନ୍ୟ ପ୍ରକାର ମନେ କରୁଛନ୍ତି । ତାହା ହେଲେ ଦଳ ଭିତରେ ଫଳ କ'ଣ ହୁଏ ? ବିଭିନ୍ନ ନେତା, ବିଭିନ୍ନ କର୍ମୀ, ବିଭିନ୍ନ ବ୍ୟକ୍ତି (individual) ସମ୍ପର୍କରେ ନିଜର ବ୍ୟକ୍ତିଗତ ଧାରଣାଗୁଡ଼ିକୁ ଲାଳନପାଳନ କରି ଚାଲବେ । ଏହି ପ୍ରକାର ଆଚରଣ ଘଟି ଚାଲିଲେ ପାର୍ଟି ଅଭ୍ୟନ୍ତରରେ ସମଷ୍ଟିଗତ ଧ୍ୟାନ ଧାରଣା, ଚିନ୍ତାର ଐକ୍ୟ (uniformity of thinking), ଅଭିନ୍ନ ଦୃଷ୍ଟିଭଙ୍ଗୀ (oneness in approach) ଗଢ଼ି ତୋଳିବା ପ୍ରକ୍ରିୟାରେ କେବଳ ଯେ ପ୍ରଚଣ୍ଡ ବାଧା ସୃଷ୍ଟି ହୁଏ, ତାହା ନୁହେଁ, ତାହା ବ୍ୟକ୍ତିଗତ ଜୀବନ ଧାରାକୁ ମଧ୍ୟ ପ୍ରଭାବିତ କରେ । ଅଥଚ, ଏସବୁ ଜିନିଷ ଦଳ ଭିତରେ ପ୍ରତିନିୟତ ଘଟୁଛି । ଏପରିକି ଭଲ ଭଲ କର୍ମୀମାନେ ମଧ୍ୟ ଏହାର ଶୀକାର (victim) ହୋଇ ପଡୁଛନ୍ତି । ଆମ ଦେଶରେ ଅଧିକାଂଶ ମାର୍କ୍ସବାଦୀଙ୍କୁ ଦେଖୁ ଯେ ସେମାନେ ମନସ୍ତତ୍ତ୍ୱ ନେଇ ମୁଣ୍ଡ ଖେଳାନ୍ତି ନାହିଁ । କିନ୍ତୁ ମନସ୍ତତ୍ତ୍ୱ ନେଇ ମୁଁ ଟିକିଏ ଚର୍ଚ୍ଚା କରେ । ଫଳରେ ଅନେକ ଜିନିଷ ମୋ ଆଖିରେ ପଡ଼େ । କିନ୍ତୁ, ବିଷୟଟିକୁ କେବଳ ମୋ ବ୍ୟକ୍ତିଗତ ପ୍ରଚେଷ୍ଟା ଭିତରେ ସୀମାବଦ୍ଧ କଲେ ଚଳିବ ନାହିଁ । କାହିଁକିନା, ବିଷୟଟି ବ୍ୟକ୍ତିଗତ ନୁହେଁ, ସମଷ୍ଟିଗତ । ସେଥିପାଇଁ ପାର୍ଟିଗତ ଆନ୍ଦୋଳନର ପରିବେଶର ବି ପରିବର୍ତ୍ତନ କରିବା ଦରକାର । ଜଣେ ବ୍ୟକ୍ତିକୁ କେନ୍ଦ୍ରକରି ଯେତେବେଳେ କୌଣସି ସମସ୍ୟା ଦେଖାଦିଏ, ସେତେବେଳେ ସେହି ଆଲୋଚନା ମଧ୍ୟ ନୈର୍ବ୍ୟକ୍ତିକ (impersonal) ହେବା ଦରକାର ।

କର୍ମୀମାନଙ୍କର ଗୋଟିଏ କଥା ସବୁବେଳେ ମନେରଖିବାକୁ ହେବ- ତାହା ହେଉଛି, ମତପାର୍ଥକ୍ୟର ବିଷୟବସ୍ତୁ ଯେତେ ତୁଚ୍ଛ ହେଉନା କାହିଁକି, ଛୋଟକାଟିଆ ଘଟଣାର ବିଚାର କ୍ଷେତ୍ରରେ ଯଦି ଭନ୍ନ ମତ ଥାଏ, ତାକୁ ତୁଚ୍ଛ ବୋଲି ଯଦି ସମାଧାନ କରି ଦିଆ ନଯାଏ ରାଜନୀତି କ୍ଷେତ୍ରରେ ଦିନେ ସେଇଟା ବ୍ୟାପକ ଅକାରରେ ଦେଖାଦେଇପାରେ । ତେଣୁ କୌଣସି ଘଟଣାକୁ ତୁଚ୍ଛ ବୋଲି ଏଡ଼େଇ ଯିବା ଉଚିତ

ନୁହେଁ । ଅନେକ ସମୟରେ ଆଲୋଚନା କଲେ ଦେଖାଯାଏ, ଅନେକ କର୍ମୀ ସ୍ୱୀକାର କରନ୍ତି ଯେ ତାଙ୍କ ଭିତରେ ଟିକେ ଅନ୍ୟ ପ୍ରକାରର ଧାରଣା ଅଛି, ତେବେ ବି ସେ ମନେକରନ୍ତି– ସେଇଟା ଖୁବ ନଗଣ୍ୟ (insignificant) । ଫଳରେ, ଆଲୋଚନା କରି ସେସବୁକୁ (thrashout) ଦୂର କରିବା ପାଇଁ ସେମାନେ ଚେଷ୍ଟା କରନ୍ତି ନାହିଁ ବା ପରିଷ୍କାର କରି ନିଅନ୍ତି ନାହିଁ । ପ୍ରଶ୍ନ କଲେ କହନ୍ତି ସେଟା ଏମିତି କିଛି ନୁହେଁ । କହନ୍ତି, ବୃହତ୍ତର କ୍ଷେତ୍ରରେ ତ ଐକ୍ୟ ଅଛି– ତେଣୁ ସେସବୁ ନେଇ ଏତେ ମୁଣ୍ଡ ଖେଳେଇବାର କିଛି ନାହିଁ । ମୁଁ କହେ, ଏତେ ତୁଚ୍ଛ (insignificant) ବୋଲି ଯଦି ସେମାନେ ମନେକରନ୍ତି, ତେବେ ସେମାନଙ୍କର ମନରେ ଏତେ ଦ୍ୱନ୍ଦ୍ୱ ଦେଖାଦିଏ କାହିଁକି ଏବଂ ତାହା ସେମାନଙ୍କ ମନକୁ ଏତେ ଅଶାନ୍ତ କରିପକାଏ କାହିଁକି, ବା ସେମାନେ ଏତେ ଅସନ୍ତୁଷ୍ଟ ବା ବିରକ୍ତି ଅନୁଭବ (disturbed feel) କରନ୍ତି କାହିଁକି ? ଅସଲରେ, ମୁହଁରେ ସେମାନେ ଯାହା କୁହନ୍ତୁ ନା କାହିଁକି ସେମାନଙ୍କ ନିକଟରେ ଏହା ଆଦୌ ତୁଚ୍ଛ ନୁହେଁ । ଏହି ପ୍ରସଙ୍ଗରେ ଆଉ ଗୋଟିଏ କଥା ମନେରଖିବା ଦରକାର । କୌଣସି କର୍ମୀର ମତପାର୍ଥକ୍ୟର କୌଣସି ଧାରଣା ବା କୌଣସି ବିଷୟବସ୍ତୁ ଯେତେ ତୁଚ୍ଛ ହେଉନା କାହିଁକି ତାହାକୁ ଆଲୋଚନା ମାଧ୍ୟମରେ ସମାଧାନ କରି ନ ନେଲେ, ତାହା ଯେତେ ସୂକ୍ଷ୍ମ ଭାବରେ ହେଲେ ହେଁ ତାର ଚିନ୍ତା ପ୍ରକ୍ରିୟା, ତାର ରାଜନୈତିକ ଚିନ୍ତାଭାବନାକୁ ପ୍ରଭାବିତ କରେ । ଏ ପ୍ରକାର ମନୋଭାବ ଫଳରେ ଅନେକ ଭଲ ଭଲ କର୍ମୀଙ୍କର ମଧ୍ୟ ଅନେକ କ୍ଷତି ହୁଏ । ସେମାନେ ସେମାନଙ୍କର ରାଜନୈତିକ କ୍ଷମତାକୁ ଧୀରେ ଧୀରେ କ୍ଷୟ କରି ପକାନ୍ତି । ପାର୍ଟିର ମୂଳ ରାଜନୀତି ଯଦି ଠିକ୍ ଥାଏ ତାହାହେଲେ ପାର୍ଟି ଆଗେଇବ, ଭଲ କର୍ମୀମାନେ ବି ଆଗେଇବେ, କନ୍ତୁ, ତାହା ସତ୍ତ୍ୱେ କର୍ମୀମାନଙ୍କ ଭିତରେ ଏପରି ମନୋଭାବ ରହିଲେ ସେମାନଙ୍କର ସମସ୍ତ ରାଜନୈତିକ କ୍ଷମତାର ସଦ୍‌ବ୍ୟବହାର ହୋଇପାରିବ ନାହିଁ ।

ଏହି ପ୍ରସଙ୍ଗରେ ଆଉ ଗୋଟିଏ କଥା କର୍ମୀମାନଙ୍କୁ ସବୁ ସମୟରେ ମନେରଖିବାକୁ ହେବ ତାହା ହେଉଛି ମନ ହେଲା ଅନେକାଂଶରେ ଦର୍ପଣ ଭଳି । ଦର୍ପଣ ଯଦି ଚକ୍ ଚକ୍ ନଥାଏ ତେବେ ମୁହଁର ପ୍ରତିଛବି ତା ଉପରେ ଭଲଭାବରେ ପ୍ରତିଫଳିତ ହୁଏ ନାହିଁ, ସେମିତି ବ୍ୟକ୍ତିଗତ ସମସ୍ୟା ନେଇ ହେଉ ବା କୌଣସି ବି ଜଣେ କମ୍ରେଡ୍ ସମ୍ପର୍କରେ କୌଣସି ଭାବନା ବା ବିକ୍ଷୋଭ (grievance)ର ମନୋଭାବ ନେଇ ହେଉ ଅଥବା ଦଳର ତତ୍ତ୍ୱଗତ ବା ସଂଗଠନଗତ କୌଣସି ସମସ୍ୟାକୁ କେନ୍ଦ୍ରକରି ହେଉ– ତା ଭିତରେ କେଉଁଟା ଭୁଲ୍– କେଉଁଟା ଠିକ୍, ସେକଥା କହୁନି– ତାହାତ ବିଚାର ବିବେଚନାର ପ୍ରକ୍ରିୟାରେ ହିଁ ଧରାପଡିବ– କାହାର ମନ ଯଦି ଅପ୍ରସନ୍ନ ଥାଏ ବା ଭାରାକ୍ରାନ୍ତ ଥାଏ, ତାହାହେଲେ ବିଭିନ୍ନ ଆନ୍ଦୋଳନ, ବିଭିନ୍ନ ଘଟଣା, କମ୍ରେଡମାନଙ୍କ ଜୀବନଯାତ୍ରା– ଅର୍ଥାତ୍ ପାର୍ଟି ଭିତରେ ଯାହା ସବୁ ଘଟୁଛି, ତାର ପ୍ରତିଛବି ତା' ମନ ଉପରେ କିଭଳି ପଡ଼ିବ ? ସେହି ପ୍ରତିଛବି

କେବେହେଲେ ପରିଷ୍କାର ହୋଇପାରିବ ନାହିଁ । ତାହାହେଲେ ବାସ୍ତବ ଘଟଣାର ଏକ ଅସତ୍ୟ (false) ପ୍ରତିଛବି ସେ ପାଇବେ, କାରଣ ତାଙ୍କ ଦର୍ପଣଟା ଅସ୍ୱଚ୍ଛ । (Then one takes a false picture of the reality since it is a cloudy glass) ମନ ଯଦି ସ୍ୱଚ୍ଛ ନଥାଏ, ତେବେ ବାସ୍ତବ ଜଗତର ଯଥାର୍ଥ ପତିଫଳନ ଘଟିପାରେନା । ବହୁ ଭଲ ବିଷୟ ଦେଖିବାର ଥିଲେ ବି ତାହା ଦେଖିବା ଭଳି କ୍ଷମତା କାହାରି ଥିଲେ ମଧ୍ୟ ମନ ସ୍ୱଚ୍ଛ ନଥିଲେ ତାହା ସେ ଦେଖିପାରିବେ ନାହିଁ । ତେଣୁ ଯିଏ ଦେଖି ପାରିଲେ ନାହିଁ ତାଙ୍କର ହିଁ କ୍ଷତି । କାରଣ, ତାଙ୍କ ଧୀଶକ୍ତି, ବୁଦ୍ଧି ଏବଂ ବିଚାର କ୍ଷମତା (intelligence) ଥିବା ସତ୍ତ୍ୱେ ସେ ଗୋଟିଏ ସତ୍ୟକୁ ଦେଖିପାରିଲେ ନାହିଁ । ତେଣୁ, ମୁଁ କହେ, ଅଯଥାରେ ମନକୁ ଭାରାକ୍ରାନ୍ତ କରିବେ ନାହିଁ । ମନ ଭାରାକ୍ରାନ୍ତ ହେଲେ ବାସ୍ତବ ଜଗତର ସଠିକ୍ ପ୍ରତିଫଳନ ହୁଏ ନାହିଁ । ସେଥିପାଇଁ ଆପଣମାନଙ୍କର ଯାହାକିଛି ବକ୍ତବ୍ୟ ଥାଉ, ତାହା ଯେତେ ତୁଚ୍ଛ ହେଉନା କାହିଁକି, ତାକୁ ଆଲୋଚନା ଦ୍ୱାରା ସମାଧାନ (resolve) କରି ନିଜ ମନକୁ ମୁକ୍ତ କରିବାକୁ ହେବ ଏବଂ ତାହା କରିପାରିଲେ ହିଁ ଆପଣମାନେ ବାସ୍ତବ ଜଗତକୁ ଯଥାର୍ଥ ସତ୍ୟକୁ ଅବିକୃତ ରୂପରେ ଦେଖିପାକୁ ପାଇବେ । ଏହା ସତ୍ତ୍ୱେ ଭୁଲ ହୋଇପାରେ ଏବଂ ହେବ– ତାହା ସମ୍ପୂର୍ଣ୍ଣ ଭାବରେ ଜ୍ଞାନ, ଅଭିଜ୍ଞତା ଓ ବଝିବାର କ୍ଷମତା ଉପରେ ନିର୍ଭର କରେ । ତେବେ ବି ଗୋଟିଏ କଥା ମନେରଖିବାକୁ ହେବ, କେବଳମାତ୍ର ତତ୍ତ୍ୱ ଚର୍ଚ୍ଚା ଦ୍ୱାରା ଆମେ ଆମ ମନକୁ ପରିଷ୍କାର ରଖିପାରିବା ନାହିଁ । ମନକୁ ପରିଷ୍କାର ରଖିବାକୁ ହେଲେ ଜ୍ଞାନ ଚର୍ଚ୍ଚା ସହିତ ବିପ୍ଲବୀ ଆଦର୍ଶକୁ ଜୀବନର ପ୍ରତ୍ୟକ କ୍ଷେତ୍ରରେ ପ୍ରୟୋଗ କରିବାର ସଂଗ୍ରାମ ଏବଂ ପାର୍ଟି ନେତୃତ୍ୱରେ ଜନଗଣଙ୍କ ସଂଗ୍ରାମ ନିରଳସଭାବରେ ଚଳାଇ ଯିବା ପ୍ରୟୋଜନ ।

ଯେଉଁ କର୍ମୀମାନେ ନିଜକୁ ତ୍ରୁଟିମୁକ୍ତ କରିବା ପାଇଁ ପାର୍ଟିର ଏହି ସର୍ବାତ୍ମକ ସଂଗ୍ରାମରେ ନିଜକୁ ଜଡ଼ିତ କରନ୍ତି ନାହିଁ, ପାର୍ଟି ସେମାନଙ୍କୁ ନିଜ ହାତରେ ଗଢ଼ିବାକୁ ଚେଷ୍ଟା କଲେ ମଧ୍ୟ ସେମାନେ ଏହି ତ୍ରୁଟିରୁ ନିଜକୁ ମୁକ୍ତ କରିପାରନ୍ତି ନାହିଁ । ଫଳରେ ଏହି ଅଭ୍ୟାସ ଯୋଗୁଁ କୌଣସି ପ୍ରକାରେ ପାର୍ଟିର ସାଂଗଠନିକ ଜୀବନ୍ତ ପ୍ରକ୍ରିୟା (organism)ର ଅଙ୍ଗ ହୋଇପାରନ୍ତି ନାହିଁ । ନେତୃତ୍ୱ ଚେଷ୍ଟା କରି ସେମାନଙ୍କୁ ସାଙ୍ଗଠନିକ ଜୀବନ୍ତ ପ୍ରକ୍ରିୟା ମଧ୍ୟରେ ଜଡ଼ିତ କରିବାକୁ ଚାହିଁଲେ ବି ସେମାନେ ଜଡ଼ିତ ହୁଅନ୍ତି ନାହିଁ । ଫଳରେ ସେମାନଙ୍କ ଭିତରେ ଯଦି ବଡ଼ ନେତା ହେବାର କୌଣସି ସୁପ୍ତ କ୍ଷମତା ଥାଏ ତାକୁ ବି ସେମାନେ ବିଘ୍ନିତ କରାନ୍ତି । ପୁଣି ସେମାନେ ନାନା ବିଷୟକୁ କେନ୍ଦ୍ରକରି ସବୁବେଳେ ଖାଲି ଦୋଷ ଖୋଜିବାରେ ଲାଗନ୍ତି । ଅନେକ ଭଲ ଭଲ କର୍ମୀଙ୍କ ମଧ୍ୟରେ ବି ଏହା ଘଟିଥାଏ । ସେଥିପାଇଁ ପାର୍ଟିକୁ କେବଳ ତତ୍ତ୍ୱ ଦେଖିଲେ ହେବନାହିଁ, କିଏ କେତେ ଭଲ ବକ୍ତୃତା ଦେଇପାରନ୍ତି ସେ କଥା ଦେଖିଲେ ଚଳିବନାହିଁ– ଆଉ ଗୋଟିଏ ବିଷୟ ପାର୍ଟିକୁ ଦେଖିବାକୁ ହୁଏ, ତାହା

ହେଉଛି, ପାର୍ଟିର ସାଙ୍ଗଠନିକ ଜୀବନ୍ତ ପ୍ରକ୍ରିୟାରେ କର୍ମୀମାନଙ୍କର ଯୁକ୍ତ ହେବାର ଦିଗ । ଦେଖିବାକୁ ହୁଏ, କର୍ମୀମାନଙ୍କ କ୍ଷେତ୍ରରେ ଶ୍ରେଣୀ ଚେତନାର ଏକାତ୍ମତାର (identification) ଦିଗଟି କେତେ ପ୍ରବଳ । ଏହା ଭିତରେ ବି ପୁଣି ବହୁ ବିପତ୍ତି ଘଟେ । ଆଜି ଯାହା ଭିତରେ ହୁଏତ ଶ୍ରେଣୀ ଚେତନାର ଏକାତ୍ମତାର ଦିଗଟି ଖୁବ୍ ପ୍ରବଳ, ପାର୍ଟି ସମ୍ପର୍କରେ ଅନୁଭୂତି (feeling) ଖୁବ୍ ତୀବ୍ର (sensitive), ସେମାନେ ବି ପୁଣି ଅନେକ ସମୟରେ ଆଶ୍ଚର୍ଯ୍ୟଜନକ ଭାବରେ ପରିବର୍ତ୍ତିତ ହୋଇଯାଆନ୍ତି । ତେଣୁ, ମନେରଖିବାକୁ ହେବ, ଦଳ ଓ ବିପ୍ଲବ ସହିତ ନିଜକୁ ବିଲୀନ କରିଦେବାର ଏହି ସଂଗ୍ରାମରେ ସମସ୍ତ କର୍ମୀ ଓ ନେତାର କୌଣସି ବି ପରୀକ୍ଷା ହିଁ (test) ଚୂଡ଼ାନ୍ତ (final) ନୁହେଁ । ସବୁ ସମୟରେ ସଂଗ୍ରାମ ସଠିକ୍ ଭାବରେ ଚଳାଇ ନ ପାରିଲେ, କର୍ମୀମାନଙ୍କ ଭିତରେ ଆତ୍ମସନ୍ତୁଷ୍ଟି ବା ଗର୍ବବୋଧ ଗଢ଼ି ଉଠିଲେ (develop କଲେ), ସେମାନଙ୍କର ବି ପତନ ଘଟିଚାଲେ ଏବଂ ଏହି ଭାବରେ ଚାଲିଲେ ସେମାନେ ବି ଦିନେ ବିପ୍ଲବ, ତଥା ପାର୍ଟି ବିରୋଧି ହୋଇପଡ଼ନ୍ତି । ଏଥିରେ ସେମାନଙ୍କ ନିଜର ବି କ୍ଷତି ସାଧିତ ହୁଏ, ଦଳର ମଧ୍ୟ କ୍ଷତି ହୁଏ ।

ଏହି ପ୍ରସଙ୍ଗରେ ଦାୟିତ୍ୱଶୀଳ ନେତା ଓ କର୍ମୀମାନଙ୍କ ସମ୍ପର୍କରେ କିଛି କହିବାର ପ୍ରୟୋଜନ ଅଛି । ବିପ୍ଲବୀ ଆନ୍ଦୋଳନରେ ସଙ୍ଗଠନ ଗଢ଼ିବାକୁ ଯାଇ, ପାର୍ଟିର କର୍ମସୂଚୀକୁ ରୂପାୟନ କରିବାକୁ ଯାଇ, ନେତା ଏବଂ ଦାୟିତ୍ୱଶୀଳ କର୍ମୀମାନଙ୍କର ବି ଭୁଲ ତ୍ରୁଟି ହୋଇପାରେ ଏବଂ ହେବାଟା ତ ସ୍ୱାଭାବିକ । ମନେ ରଖିବା ଦରକାର ଯଦି ଏହି ଭୁଲତ୍ରୁଟିକୁ ସଠିକ୍ ଭାବରେ ବୁଝି ତାକୁ ସଂଶୋଧନ କରି ନିଆ ଯାଇପାରେ ତେବେ ଏହାଦ୍ୱାରା ଦଳର ସଂହତି ଦୁର୍ବଳ ହୁଏ ନାହିଁ ।

ମାତ୍ର ବିପ୍ଲବୀ ଆନ୍ଦୋଳନ ପଥ ଭ୍ରଷ୍ଟ ହୋଇଯିବାର ସମ୍ଭାବନା ଥାଏ, ସେହିଭଳି ନେତାମାନଙ୍କ ଦ୍ୱାରା– ଯେଉଁ ନେତାମାନେ ସଂସଦୀୟ ରାଜନୀତି ଫୋରମ୍‌ରେ ଅଂଶଗ୍ରହଣ କରିବା ଦ୍ୱାରା ଅଥବା ଅନ୍ୟ କୌଣସି ପ୍ରକ୍ରିୟାରେ ଜନପ୍ରିୟ ହୋଇଯିବା ପରେ ଆହୁରି ଅଧୀକ ଜନପ୍ରିୟ ହେବା ଝୁଙ୍କରେ କମ୍ୟୁନିଷ୍ଟ ରୀତିବିରୋଧି ପପୁଲାର (populist) ଚାଲିଚଳଣ (gesture) ଆଡ଼କୁ ଢ଼ଳିବାକୁ ଆରମ୍ଭ କରନ୍ତି ଏବଂ ଅନ୍ୟପକ୍ଷରେ ପାର୍ଟି ସହିତ ନିଜକୁ ବିଲୀନ କରିଦେବାର ପ୍ରତିନିୟତ ସଂଗ୍ରାମରୁ କ୍ରମାଗତ ବିଚ୍ଛିନ୍ନ ହୋଇପଡ଼ନ୍ତି । ମୁଁ ଆଗରୁ କହିଛି, କୌଣସି କର୍ମୀ ଓ ନେତାର କୌଣସି ବି ପରୀକ୍ଷା ଚୂଡ଼ାନ୍ତ ନୁହେଁ, ଠିକ୍ ଭାବରେ ସଂଗ୍ରାମ ଚଳାଇ ନ ପାରିଲେ, ଆତ୍ମସନ୍ତୁଷ୍ଟି (complacency) ର ମନୋଭାବ ଗଢ଼ି ଉଠିଲେ, ସେମାନଙ୍କର ବି ପତନ ଘଟିଥାଏ । ବିପ୍ଲବୀ କର୍ମୀ ଏବଂ ନେତାମାନଙ୍କୁ ଏହି କଥାଟି ସବୁ ସମୟରେ ମନେରଖିବାକୁ ହେବ ଯେ, ଜନସାଧାରଣଙ୍କ ସହିତ ମିଶି ସମସ୍ତ ପ୍ରକାର ଅନ୍ୟାୟ ଓ ଅତ୍ୟାଚାର ବିରୁଦ୍ଧରେ ଜନତାକୁ ପ୍ରତିନିୟତ ସଂଗଠିତ କଲାବେଳେ ଜନତା ସହିତ ମିଶିବା କ୍ଷେତ୍ରରେ ସେମାନେ ଯେମିତି ସର୍ବଦା ସର୍ବହରା

(proletariat) ନ୍ୟାୟନୀତି ଦ୍ୱାରା ପରିଚାଳିତ ହୁଅନ୍ତି ଏବଂ ସହଜରେ ଜନପ୍ରିୟ ହେବାର ଝୁଙ୍କରେ କେବେହେଲେ ବି ବୁର୍ଜୁଆ ଓ ପେଟି ବୁର୍ଜୁଆ ଭଣ୍ଡାମୀର- ଅର୍ଥାତ୍ ବୁର୍ଜୁଆ-ପେଟି ବୁର୍ଜୁଆ ପପୁଲିଷ୍ଟ (populist) ଚାଲିଚଳନ ବା (movement) ଆଚାର-ଆଚରଣର ଶୀକାର ହୋଇ ନ ପଡ଼ନ୍ତି । ମନେରଖିବା ଦରକାର, ଜନସାଧାରଣଙ୍କ ସହିତ ସଂଯୋଗ ରକ୍ଷା କରି ସେମାନଙ୍କୁ ସଙ୍ଘବଦ୍ଧ କରିବା ଓ ସଂଗଠିତ କରିବା ସମୟରେ ବିପ୍ଳବୀମାନଙ୍କର ଆଚରଣ ଓ ରୁଚିଗତ ମାନର ଯେଉଁ ପ୍ରକାଶ ହୁଏ, ଅନେକ ସମୟରେ ତାହାରି ଦ୍ୱାରା ହିଁ ବିପ୍ଳବୀ ତତ୍ତ୍ୱର ଉପଲବ୍ଧି ଜନଗଣଙ୍କ ସାମନାରେ ଉଜ୍ଜଳ ହୋଇ ଦେଖାଦିଏ ଏବଂ ଜନସାଧାରଣଙ୍କ ରୁଚିର ମାନ ବି ତାହା ଦ୍ୱାରା ଧୀରେ ଧୀରେ ଉନ୍ନତ ହୁଏ । ପୁଣି ସଙ୍ଗେ ସଙ୍ଗେ ଏକଥା ମଧ୍ୟ ମନେରଖିବା ଦରକାର, ବିପ୍ଳବୀମାନଙ୍କ ଆଚରଣ ଯେମିତି ବିପ୍ଳବୀ ଚେତନା, ରୁଚି ଓ ମାନସିକତାରେ ଜନଗଣଙ୍କୁ ଉଦ୍‌ବୁଦ୍ଧ କରେ, ସେମିତି ଜନସାଧାରଣଙ୍କ ଠାରୁ ମଧ୍ୟ ବିପ୍ଳବୀମାନଙ୍କର ଅନେକ କିଛି ଶିଖିବାର ଅଛି । କିନ୍ତୁ କେବଳ ସେହିମାନେ ଜନସାଧାରଣଙ୍କ ଠାରୁ ଶଖି ପାରନ୍ତି, ଯେଉଁମାନେ ବିପ୍ଳବୀ ଆଦର୍ଶକୁ ଭିତ୍ତିକରି ବିପ୍ଳବୀ କାଇଦାରେ ଜନଗଣଙ୍କ ସହିତ ମିଶି ପାରନ୍ତି । ତାହା ନହେଲେ ଫଳ କ'ଣ ହୁଏ ? ବୁର୍ଜୁଆ ଓ ପେଟିବୁର୍ଜୁଆ ପପୁଲିଷ୍ଟ (populist) ଚାଲିଚଳନ ଏବଂ ଆଚାର-ଆଚରଣର ଶିକାର ହୋଇଯାଇ, ସହଜରେ ଜନପ୍ରିୟ ହେବାର ଝୁଙ୍କରେ ଜନସାଧାରଣଙ୍କ ମଧ୍ୟରେ ବର୍ତ୍ତମାନ ସମାଜ ବ୍ୟବସ୍ଥାର ସ୍ୱାଭାବିକ ନିୟମରେ ଯେଉଁ ରୁଚିବୋଧ ଗଢ଼ିଉଠିଛି, ତାକୁ ହିଁ କ୍ରମାଗତ ଲାଳନପାଳନ କରିବାକୁ ଯାଇ, ବିପ୍ଳବୀ କର୍ମୀ ଓ ନେତାମାନଙ୍କର ରୁଚିର ମାନ ମଧ୍ୟ କ୍ରମେ କ୍ରମେ ତଳକୁ ଖସିଚାଲେ । ଏହି ବିପ୍ଳବୀ କାଇଦା ଆୟତ୍ତ କରିବାର ପ୍ରଧାନ ବିଷୟ ହେଉଛି, ବୁର୍ଜୁଆମାନଙ୍କର ପପୁଲିଷ୍ଟ (populist) ଚାଲିଚଳଣ ଓ ଆଚାର-ଆଚରଣ ଦ୍ୱାରା ଜନପ୍ରିୟତା ଅର୍ଜନ କରିବା ପ୍ରକ୍ରିୟା ସହିତ ବିପ୍ଳବୀମାନଙ୍କର ଜନପ୍ରିୟ (popular) ହେବାର ସମ୍ପୂର୍ଣ୍ଣ ଯେଉଁ ଭିନ୍ନ ଚରିତ୍ର ରହିଛି, ବିପ୍ଳବୀ ତତ୍ତ୍ୱର କ୍ରମାଗତ ଚର୍ଚ୍ଚା ଓ ପ୍ରୟୋଗ ମଧ୍ୟ ଦେଇ ତାହା ଅର୍ଜନ କରିବା । ନଚେତ୍ ମୁହଁରେ ବିପ୍ଳବୀ ତତ୍ତ୍ୱ ଏବଂ ବିପ୍ଳବୀ ଆଦର୍ଶର କଥା କହିବି ଆଉ ଆଚରଣ କରିବି ବୁର୍ଜୁଆମାନଙ୍କ ଭଳି, ତାହାହେଲେ ବିପ୍ଳବୀ କଥାଟା କେବଳ ଗୋଟିଏ କଥାର କଥା ଭାବରେ ରହିଯିବ । ସଂଖ୍ୟାରେ କମ ହେଲେ ବି ଯେଉଁ ସମସ୍ତ ନେତା ଓ କର୍ମୀମାନଙ୍କ ମଧ୍ୟରେ ଏହି ଧରଣର ଲକ୍ଷଣ ଅଳ୍ପ ସ୍ୱଳ୍ପ ହେଲେ ବି ଦେଖାଯାଉଛି, ସେମାନଙ୍କର ଏ ବିଷୟରେ ସତର୍କ ହେବାର ପ୍ରୟୋଜନ ଅଛି ।

ପୁଣି ଅନେକ ସମୟରେ ଦେଖାଯାଏ, କେତେକ ଦାୟିତ୍ୱଶୀଳ ନେତା ଓ ପୁରୁଣା କର୍ମୀମାନେ ଦଳର କର୍ମୀମାନଙ୍କ ସହିତ ସାହଚର୍ଯ୍ୟ (association) ଦେଇ ପାରନ୍ତିନାହିଁ । ଅନ୍ୟ କର୍ମୀମାନେ ଆଗକୁ ଆସିଲେ ସେମାନେ ହୁଏତ ବହି ପଢ଼ନ୍ତି, ନ ହେଲେ କାଗଜ ପଢ଼ନ୍ତି, ନହେଲେ ଅନ୍ୟ କିଛି କରନ୍ତି । ଅର୍ଥାତ ସବୁ ସମୟରେ ଦଳର କର୍ମୀମାନଙ୍କ

ଆଗରେ ଏକ ବ୍ୟସ୍ତତାର ଭାବ ଦେଖାଇବାର ପ୍ରବଣତା ସେମାନଙ୍କ ମଧ୍ୟରେ ଦେଖାଯାଏ। ଅଥଚ ଅନ୍ୟଦିଗରେ ଦେଖାଯାଏ ଦଳର କର୍ମୀ ନୁହନ୍ତି ଏପରି ସବୁ ସାମାଜିକ ବନ୍ଧୁ ବା ଆତ୍ମୀୟମାନଙ୍କ ସହିତ ସେମାନେ ଘଣ୍ଟା ପରେ ଘଣ୍ଟା ଉଦେଶ୍ୟହୀନ (aimless) ଆଡ୍ଡ଼ା ଦେଉଛନ୍ତି–ଯେଉଁସବୁ ଗଳ୍ପ ଗୁଜବ ଓ ଆଳାପ ଆଲୋଚନା ସ୍ୱଭାବତଃ ସମ୍ପୂର୍ଣ୍ଣ ଅଣରାଜନୈତିକ ଓ ଉଦେଶହୀନ। ଫଳରେ ଦଳ ବାହାରର ଏହି ସବୁ ଲୋକମାନଙ୍କ ସହିତ ସାହଚର୍ଯ୍ୟ ଦେବା ଜରିଆରେ ସେମାନେ ସେହି ଆତ୍ମୀୟ ବା ବନ୍ଧୁବାନ୍ଧବମାନଙ୍କୁ ତ ବିପ୍ଳବୀ ଆନ୍ଦୋଳନ ଆଡ଼କୁ ଆକୃଷ୍ଟ କରିପାରନ୍ତି ନାହିଁ, ଉପରନ୍ତୁ ନିଜ ଅଜ୍ଞାତରେ ହିଁ ସେମାନଙ୍କ ସଂକୃତି ଦ୍ୱରା ପ୍ରଭାବିତ ହୋଇପଡ଼ନ୍ତି। ଏହିଭଳି ଯେଉଁମାନେ ଦଳର କର୍ମୀମାନଙ୍କ ସହିତ ସାହଚର୍ଯ୍ୟ ଦିଅନ୍ତି ନାହିଁ, ସେମାନଙ୍କ ସହିତ ସାଂସ୍କୃତିକ ଓ ଭାବଗତ ଆଦାନପ୍ରଦାନ କରନ୍ତି ନାହିଁ, ସେମାନେ କ'ଣ କରନ୍ତି ? ସ୍ୱଭାବତଃ ସେମାନେ ଦଳ ବାହାରେ ଅନ୍ୟର ସାହଚର୍ଯ୍ୟରୁ ସେମାନଙ୍କ ସଂସ୍କୃତିଗତ ଓ ରୁଚିଗତ ମାନସିକ ମାଲମସଲା ସଂଗ୍ରହ କରିଥାଆନ୍ତି ଏବଂ ତା' ଫଳରେ ସେମାନଙ୍କ ବିପ୍ଳବୀ ରୁଚି କ୍ରମାଗତ ତଳକୁ ଖସିଚାଲେ।

ଆଉ ଗୋଟିଏ ବିଷୟ ହେଉଛି, କର୍ମୀମାନଙ୍କ ମଧ୍ୟରେ ପରସ୍ପର ଆଲୋଚନା ସମାଲୋଚନା କ୍ଷେତ୍ରରେ ଜଣେ ଅନ୍ୟ ଜଣଙ୍କର ଦୋଷ ଧରିବାର ଏବଂ ତାକୁ ନେଇ ଅହେତୁକ ସମାଲୋଚନା କରିବାର ଏକ ପ୍ରବଣତା ଦଳ ଭିତରେ ପ୍ରାୟ ଦେଖାଯାଏ। ଏହିଭଳି ସମାଲୋଚନା କ୍ଷେତ୍ରରେ କମ୍ରେଡ଼ମାନେ କମ୍ୟୁନିଷ୍ଟ ରୀତିନୀତି ପ୍ରାୟ ମାନି ଚଳନ୍ତି ନାହିଁ। କମ୍ୟୁନିଷ୍ଟମାନେ ପ୍ରତିଟି ବ୍ୟକ୍ତିକୁ ବିଚାର କରିବା କ୍ଷେତ୍ରରେ ପଥମେ ନିଜ ଦୋଷରୁ ଏବଂ ଅନ୍ୟର ଗୁଣରୁ ଆରମ୍ଭ କରନ୍ତି। କମ୍ୟୁନିଷ୍ଟମାନେ ଜାଣନ୍ତି ଯେ ପ୍ରତ୍ୟେକ ମଣିଷ ଦୋଷଗୁଣର ମଣିଷ। ଏକବାରେ ଦୋଷ ନାହିଁ, ପୁରାପୁରୀ ଗୁଣବାନ ଏପରି କୌଣସି ମହତ୍ ବା ବିରାଟ ମଣିଷ ନାହାନ୍ତି। ପୁଣି ଏପରି କୌଣସି ଖରାପ ମଣିଷ ନାହାନ୍ତି ଯାହାର ସବୁକିଛି ଖାଲି ଦୋଷ, କୌଣସି ଗୁଣ ନାହିଁ। ପ୍ରତ୍ୟେକ ମଣିଷ ଅଳ୍ପ ବହୁତେ ଦୋଷ–ଗୁଣ ମିଶି ମଣିଷ। ଫଳରେ ଜଣଙ୍କର ଦୋଷ ଦୁର୍ବଳତାକୁ ଦୂରକରି ତାର ଗୁଣଗଡ଼ିକୁ ବିକଶିତ କରିବାକୁ ହେଲେ ଦୋଷ ଗୁଡ଼ିକ ସମ୍ପର୍କରେ ତାକୁ ବାରମ୍ବାର ନ ଖେଞ୍ଚି ବରଂ ତା'ର ଯାହାକିଛି ଗୁଣ ରହିଛି ସେଗୁଡ଼ିକୁ ଉତ୍ସାହିତ କରିବା ହେଉଛି କମ୍ୟୁନିଷ୍ଟ ରୀତିସମ୍ମତ କାର୍ଯ୍ୟ। ଆଉ ଏହିଭଳିଭାବେ ତା'ର ଗୁଣଗୁଡ଼ିକୁ ଉତ୍ସାହିତ କରିବା ଧାରାରେ ସେହି ବ୍ୟକ୍ତିର ଗୁଣାବଳୀ ବୃଦ୍ଧିହେବା ସାଥେ ସାଥେ ଦୋଷଗୁଡ଼ିକ ଦୂର (eliminate) ହୋଇଯାଏ। କର୍ମୀମାନେ ସମାଲୋଚନା କ୍ଷେତ୍ରରେ ପ୍ରାୟତଃ ଏହି ବିଷୟଟିକୁ ଖିଆଲ କରନ୍ତି ନାହିଁ। ଏକଥା ଖିଆଲ ରଖିଥିଲେ ଦେଖିବାକୁ ପାଆନ୍ତେ ଦଳ ଭିତରେ ଯେଉଁ କର୍ମୀଟି ଅତ୍ୟନ୍ତ ନୀଚ ରୁଚି ସମ୍ପନ୍ନ (sneaky) ତା'ଭିତରେ ବି ଏକ ମହତ୍‌ଗୁଣ ରହିଛି– ଯାହା ତାକୁ ବାହାରର ସାଧାରଣ ମଣିଷଠାରୁ ମହତ୍ କରିତୋଳିଛି।

ସେ ନୀଚ ଚରିତ୍ରର ହୋଇ ମଧ୍ୟ ଦେଶ, ବିପ୍ଳବ ଏବଂ ଶ୍ରମିକଶେଣୀ ପାଇଁ ଲଢ଼େଇ କରିବାକୁ ଚାହାନ୍ତି, ଯାହା ଅନ୍ୟମାନେ ଚାହାନ୍ତି ନାହିଁ । ଏଇତକ ସେ ଚାହିଁଛନ୍ତି ବୋଲି ହିଁ ଆସିଛନ୍ତି । ତାଙ୍କର ଏହି ଦିଗଟିକୁ ଆମେ କୌଣସିମତେ ଛୋଟ କରି ଦେଖିପାରୁନା । ସମାଲୋଚନା କ୍ଷେତ୍ରରେ ନେତା ଓ କର୍ମୀମାନେ ସର୍ବଦା ଏହି କଥାଟିକୁ ମନେରଖିବା ଦରକାର । ଦଳ ଭିତରକୁ ଯେଉଁମାନେ ଆସିଛନ୍ତି, ବିଶେଷକରି ଆମ ଦଳ ଭିତରକୁ, ସେମାନେ ସାଧାରଣ ମଣିଷ ଠାରୁ ଅନ୍ତତଃ ଗୋଟିଏ ପାଦ (step) ଆଗୁଆ ଏବଂ ସେଇଥିପାଇଁ ସେ ଆମର କମ୍ରେଡ୍ ହୋଇଛନ୍ତି । ସେହି କର୍ମୀଟିକୁ ବୁଝେଇ ଦେବା ଦରକାର ଯେ ଯେଉଁ ବିପ୍ଳବ ପାଇଁ ସେ ଦଳ ଭିତରକୁ ଆସିଛନ୍ତି ତାଙ୍କର ଏହି ମାନସିକ ଆଚରଣ ଦ୍ୱାରା ସେହି ବିପ୍ଳବକୁ ହିଁ ସେ ବିଘ୍ନିତ କରୁଛି । ଏଇକଥା ତାଙ୍କୁ ବୁଝିବାକୁ ହେବ ଏବଂ ଅନ୍ୟମାନେ ବି ତାଙ୍କୁ, ଏହା ବୁଝାଇଦେବା ଦରକାର । ସେଇ କମ୍ରେଡ୍‌ଙ୍କୁ ବି ଭାବିବାକୁ ହେବ ଯେ ସେ ବିପ୍ଳବ ସଂଗଠିତ କରିବାକୁ ଲଢ଼ିବା ପାଇଁ ରାଜି, ଜେଲ ଖଟିବାକୁ ରାଜି, ଏପରିକି ଜୀବନ ଦେବାକୁ ମଧ୍ୟ ରାଜି, ଅଥଚ ଯେଉଁ ବିପ୍ଳବ ପାଇଁ ସେ ଏସବୁ କରିବାକୁ ରାଜି, ତାହା ନିଜର ସ୍ୱଭାବ, ସଂସ୍କାର ଏବଂ ଅଭ୍ୟାସ ସବୁ ଯଦି ସେହି ମୂଳ କାରଣ-ପାର୍ଟି ଏବଂ ବିପ୍ଳବର ସ୍ୱାର୍ଥରେ କୁଠାରଘାତ କରେ- ତାହାହେଲେ ସେସବୁ ଅଭ୍ୟାସକୁ ସେ ଜିଆଁଇ ରଖିବେ କାହିଁକି ଏବଂ ସୁଧାରିବାର ଚେଷ୍ଟା ନ କରିବେ କାହିଁକି ? ତାକୁ ଏଇଟା ଭାବିବାକୁ ହେବଯେ, ସେ ଯଦି ନୀଚ ମାନ ସମ୍ପନ୍ନ ହୋଇ ରହିଯାଆନ୍ତି, ତେବେ ଦଳ କାମ କରିବାକୁ ଆସିଲେ କାହକିଁ ? ଦଳ କରିବା ପାଇଁ କେହିତ ମୁଣ୍ଡ ଛୁଆଁଇ ସପଥ କରାଇ ନେଇନାହିଁ । ଏଇତ ଆଉ ବ୍ୟବସାୟ- ବାଣିଜ୍ୟ ଅଫିସ (merchant office) ନୁହେଁ ଯେ ଚାକିରି ପାଇଁ ଦଶଟାରୁ ପାଞ୍ଚଟା ଯାଏ ଡିଉଟି ଦେବାକୁ ପଡ଼ିବ । ଏଠାରେ ଆମେ ସମସ୍ତେ ଭଲେଣ୍ଟିୟର (volunteer) ସ୍ୱଇଛାରେ ଆସିଛୁ । ପତ୍ୟେକ ଏକଥା ବୁଝିଛନ୍ତି ଯେ, କେବଳ ସମାଜର ମୁକ୍ତି ନୁହେଁ ଏପରିକି ସେମାନଙ୍କର ବ୍ୟକ୍ତିଗତଭାବେ ମୁକ୍ତି ଅର୍ଜନ କରିବା ପ୍ରଶ୍ନଟି ଶ୍ରମିକ ଶେଣୀର ମୁକ୍ତି ସହିତ ଆଜି ଓତଃପ୍ରୋତଃ ଭାବେ ଜଡ଼ିତ । ଆଉ ଏକଥା ବୁଝିଛନ୍ତି ବୋଲିତ ଆସିଛନ୍ତି । ସ୍ୱେଚ୍ଛାରେ ନିଜର ମୁକ୍ତି ସଂଗ୍ରାମକୁ ଶ୍ରମିକଶ୍ରେଣୀ ସହିତ ମିଶେଇ ଦେଇଛନ୍ତି- ଅନ୍ତତଃ ମିଶାଇ ଦେବା ପାଇଁ ଚେଷ୍ଟା କରୁଛନ୍ତି । ସେହି ସଂଗ୍ରାମକୁ ଭଲଭାବେ ଶଖିବା ପାର୍ଇ ତ ଅନ୍ୟ କୌଣସି ପାଟିକୁ ନ ଯାଇ ସଠିକ ଶ୍ରମିକଶ୍ରେଣୀର ପାଟିକୁ ଆସିଥିଲେ । ତାହାହେଲେ ସବୁ କଥା ଜାଣିଶୁଣି ଏପ୍ରକାର ଆଚରଣ କରିବେ କାହିଁକି ? ଏହିପରି ଭାବରେ ସେହି କମ୍ରେଡଟିକୁ ସମସ୍ତ ବିଷୟ ବୁଝି ନିଜକୁ ସୁଧାରି ନେବାର ଚେଷ୍ଟା କରିବାକୁ ହେବ ।

ମୁଁ କମ୍ରେଡ୍‌ମାନଙ୍କୁ ଆଉଥରେ କହୁଛି ନେତୃତ୍ୱ ସମ୍ପର୍କରେ, ନାନା ପ୍ରକାର କାର୍ଯ୍ୟକଳାପ ସମ୍ପର୍କରେ, କର୍ମୀମାନଙ୍କର ଅନେକ କିଛି କହିବାର ଥାଇପାରେ । ଏ ପ୍ରକାରର

ବହୁ ତ୍ରୁଟି ପାର୍ଟି ଭିତରେ ଅଛି ଏବଂ ଥାଇପାରେ । ଅମେମାନେ ସାଧ୍ୟାନୁଯାୟୀ ସେସବୁକୁ ସୁଧାରିବାର ଚେଷ୍ଟା କରୁଛି ଏବଂ କରିବୁ । ଏମିତି କିଛି ପ୍ଲାନ୍, ପ୍ରୋଗ୍ରାମ ବା କୌଣସି ବିଷୟ ରହିପାରେ କି ଯାହା ପୁରାପୁରି ତ୍ରୁଟିମୁକ୍ତ ? କୌଣସି ମାର୍କ୍ସବାଦୀ ବିଷୟଗୁଡ଼ିକୁ ଏମିତି ଭାବରେ ବିଚାର କରେନାହିଁ । କେବଳ ନୀତିବାଗିଶ (principle monger) ମାନେ ହିଁ ସମସ୍ୟାକୁ ଏପରି ଭାବରେ ଦେଖିଥାନ୍ତି । ତାହାହେଲେ ଦଳ ଭିତରେ କୌଣସି ତ୍ରୁଟି-ବିଚ୍ୟୁତି ଦେଖିଲେ କମ୍ରେଡ୍‌ମାନେ ଯେମିତି ସେସବୁକୁ ଏଡ଼େଇ ଯିବେନାହିଁ ସେମିତି ସେସବୁକୁ ନେଇ ଅସନ୍ତୋଷ ବି ପ୍ରସାର କରିବେ ନାହିଁ । କାହିଁକିନା ଏହି କାମ ଅତ୍ୟନ୍ତ କ୍ଷତିକାରକ । ମତପାର୍ଥକ୍ୟ ଘଟିଲେ ହିଁ ଅସନ୍ତୁଷ୍ଟ ମନୋଭାବ ଏଠି ସେଠି କହି ବୁଲିବେ କାହିଁକି ? ଆଉ କୌଣସି ବିଷୟ ଯଦି ଲଢ଼େଇ କରିବାର ଯୋଗ୍ୟ ହୁଏ, ତାହାହେଲେ ଉପଯୁକ୍ତ ପଦ୍ଧତିରେ ଲଢ଼ିବେ । ସେହି ଲଢ଼େଇ କରିବା ସମୟରେ ମଧ୍ୟ କମ୍ରେଡ୍ ସୁଲଭ ମନୋଭାବ ନେଇ ଲଢ଼ିବେ । କୌଣସି ବିଷୟକୁ ଜଣେ ଅନ୍ୟାୟ ବୋଲି ମନେ କରୁଛନ୍ତି, ହୁଏତ ସେଇଟା ତାଙ୍କର ଭୁଲ ବି ହୋଇପାରେ- କିନ୍ତୁ ଯେତେବେଳ ପର୍ଯ୍ୟନ୍ତ ତାହା ସମାଧାନ ହେଉନାହିଁ, ସେତେବେଳଯାଏ ପାର୍ଟିର ସ୍ୱାର୍ଥ ପାଇଁ ଲଢ଼ିବାକୁ ହେବ । ତାହାହେଲେ ସେଇ କଥାଟିକୁ ପାର୍ଟି ପାଖରେ କହିବେନିତ କାହାପାଖରେ କହିବେ ? କିନ୍ତୁ ପ୍ରାୟତଃ କୌଣସି କୌଣସି କର୍ମୀ କ୍ଷେତ୍ରରେ ଠିକ୍ ଓଲଟା କଥା ଘଟିବାର ଦେଖାଯାଏ । ନିହାତି ଠିକିଲେ ବା ବାଧ କଲେ ବା ଯା, ତା ସାଙ୍ଗେ ପରାମର୍ଶ କରି ଅନେକ ଭାବିଚିନ୍ତି ସେମାନେ ପାର୍ଟି ପାଖକୁ ଆସନ୍ତି- ସିଧାସଳଖ ପାର୍ଟି ପାଖକୁ ଆସନ୍ତି ନାହିଁ । ପ୍ରଥମେ ପାଞ୍ଚ, ସାତ ଜଣଙ୍କ ସହିତ ଫୁସ୍‌ଫାସ୍ ହୁଅନ୍ତି । ଅନ୍ତରାଳରେ ଫୁସ୍‌ଫାସ୍, ଗପାଗପି (gossip) କରନ୍ତି ତାଙ୍କ ମନରେ ଥିବା ବିକ୍ଷୋଭକୁ ଆଉ ଦଶଜଣଙ୍କ ଭିତରେ ବୁଣି ଦିଅନ୍ତି, ତାପରେ ହଠାତ୍ ଖିଆଲ ହେଲେ ତେବେ ଯାଇ ସେ ଦଳ ପାଖକୁ ଆସନ୍ତି ଏବଂ ପ୍ରଶ୍ନଟିର ମୀମାଂସା କରିଯାଆନ୍ତି । ପୁଣି ଅନେକ ସମୟରେ କାହା କାହା କ୍ଷେତ୍ରରେ ଦେଖାଯାଏ ଆଳାପ-ଆଲୋଚନା ପରେ ନିଜ ମତ ସହିତ ନ ମିସିଲେ ସେମାନେ ହୁଏତ ଶେଷ ପର୍ଯ୍ୟନ୍ତ ମାନିଯାଆନ୍ତି- କିନ୍ତୁ ସମ୍ମିଳିତ ସିଦ୍ଧାନ୍ତ ନିକଟରେ ଖୁସିମନରେ ନିଜକୁ ସମର୍ପଣ (happly submit) କରିପାରନ୍ତି ନାହିଁ । ଏହା ହେବା ଉଚିତ୍ ନୁହେଁ । ଯେକୌଣସି ବିଷୟ ନେଇ ଯେତେ ଦୂର ପର୍ଯ୍ୟନ୍ତ ଆଲୋଚନା କରାଯାଇପାରେ, କର୍ମୀମାନେ ତାହା କରିବେ । କିନ୍ତୁ ଶେଷ ପର୍ଯ୍ୟନ୍ତ ସନ୍ତୁଷ୍ଟ ନହୋଇ ପାରଲେ, ସିଦ୍ଧାନ୍ତ କ'ଣ ତାହା ଜାଣିବାକୁ ଚାହିଁବେ । ସିଦ୍ଧାନ୍ତ ଜାଣି ଖୁସିମନରେ ତାକୁ ମାନିନେବେ । ଚିନ୍ତାଗତ ବ୍ୟାପାରରେ ବ୍ୟକ୍ତିଗତ ଦିଗ କିଛି ନ ଥିଲେ ଏଥିରେ ଅସନ୍ତୁଷ୍ଟ ହେବାର କୌଣସି ପ୍ରଶ୍ନ ଉଠି ପାରେନା ।

କୌଣସି ଆଲୋଚନାରେ କୌଣସି କର୍ମୀ ସନ୍ତୁଷ୍ଟ ହେଲେ ନାହିଁ ବୋଲି ଅସନ୍ତୋଷର ମନୋଭାବ ବୁଣିବା ଆଗରୁ ତାଙ୍କୁ ଭାବିବାକୁ ହେବ, ସେ ଯଦି ନେତୃତ୍ୱରେ

ଥାଆନ୍ତେ, ତାହାହେଲେ ପାର୍ଟି ଏବଂ ବିପ୍ଳବର ସାମଗ୍ରିକ ସ୍ୱାର୍ଥ ବିଚାର କରି ବର୍ତ୍ତମାନ ପରିସ୍ଥିତିରେ ସେ କେଉଁ ସିଦ୍ଧାନ୍ତ ନେଇ ଥାଆନ୍ତେ ? ଅଥବା ତାଙ୍କୁ ଭାବିବାକୁ ହେବ ଯେ ଭବିଷ୍ୟତରେ ଯଦି ସେ କୌଣସି ଦିନ ନେତୃତ୍ୱକୁ ଯାଆନ୍ତି ଏବଂ ସେତେବେଳେ ଅନୁରୂପ ପରିସ୍ଥିତିରେ ଅନ୍ୟ ଜଣେ କର୍ମୀ ତାଙ୍କ ସହିତ ଆଲୋଚନାରେ ସନ୍ତୁଷ୍ଟ ନ ହୋଇ ଅସନ୍ତୁଷ୍ଟ ମନୋଭାବ ବିଚ୍ଛୁରଣ କରନ୍ତି, ତାହାହେଲେ ସେହି ପରିସ୍ଥିତିରେ ଦଳର ସଂହତି କିପରି ରକ୍ଷା କରାଯାଇ ପାରିବ ? ସେଥିପାଇଁ ଆମେ କହୁ ପାର୍ଟି ସିଦ୍ଧାନ୍ତ ନିକଟରେ ଆନନ୍ଦର ସହିତ ନିଜକୁ ସମର୍ପଣ କରିବାକୁ ହୁଏ । କମ୍ରେଡ୍‌ମାନଙ୍କୁ ଆଉ ଗୋଟିଏ କଥା ସବୁ ସମୟରେ ଖିଆଲ ରଖିବାକୁ ହେବ ଯେ, କମ୍ୟୁନିଷ୍ଟ ଆଚରଣବିଧି ଅନୁଯାୟୀ କାହାରି କୌଣସି ଆଚରଣ ସମ୍ପର୍କରେ ଆଲୋଚନା ବା ସମାଲୋଚନା କରିବା ସମୟରେ ଯାହାଙ୍କ ବିରୁଦ୍ଧରେ ସମାଲୋଚନା କରାଯାଉଛି– ନିଜକୁ ଆଗେ ତାଙ୍କ ଜାଗାରେ ରଖି ତେବେ ଯାଇ ତାଙ୍କର ବିଚାର ବା ସମାଲୋଚନା କରିବାକୁ ହୁଏ । ନହେଲେ ଆଲୋଚନାର ଧାରା କେବେ ହେଲେ ନୈର୍ବ୍ୟକ୍ତିକ (impersonal) ହେବ ନାହିଁ । ଏହିଭାବରେ ଚେଷ୍ଟା କରିବା ଦ୍ୱାରା ହିଁ କର୍ମୀମାନେ ଅଭିଜ୍ଞତା ଅର୍ଜନ କରିବେ, ଦରକାର ହେଲେ ପୁଣି ଲଢ଼ିବେ । କିନ୍ତୁ ସବୁ ଲଢ଼େଇ ହେବ ଖୋଲା ପରିବେଶରେ । ଖୋଲାଖୋଲି କହିଲେ, ବୁଝାଏ ଯେ ଦଳର ନେତୃତ୍ୱ ପାଖରେ କର୍ମୀମାନଙ୍କର ଗୋପନୀୟତା ବୋଲି କିଛି ନାହିଁ । କିନ୍ତୁ କେତେକ କମ୍ରେଡ୍‌ମାନଙ୍କ କ୍ଷେତ୍ରରେ ପ୍ରାୟ ଦେଖାଯାଏ, ଦଳର ନେତୃତ୍ୱ ଓ ଦଳ ନିକଟରେ ସେମାନଙ୍କର ଅନେକ କିଛି ଗୋପନୀୟ ଥାଏ । କିନ୍ତୁ ଅନେକ ସଧାରଣ କମ୍ରେଡ୍‌ଙ୍କ ପାଖରେ ସେମାନଙ୍କର ଗୋପନୀୟ ବୋଲି କିଛି ନଥାଏ । ଯେଉଁମାନେ ଏହି ଧରଣର ଆଚରଣ କରନ୍ତି, ସେମାନେ ନିଜ ମନକୁ ଟିକେ ବିଶ୍ଳେଷଣ କରି ଦେଖିଲେ ଜାଣିପାରିବେ ଯେ, ସେମାନେ ନିଜେ ମଧ୍ୟ ସୁଖୀ ନୁହନ୍ତି । ଏହାଦ୍ୱାରା ଦଳର ସଂହତି ରକ୍ଷା କରିବା କ୍ଷେତ୍ରରେ ତ କ୍ଷତି ହୁଏ, ଉପରନ୍ତୁ ସେହି ସମସ୍ତ କମ୍ରେଡ଼ମାନଙ୍କର ନିଜର ମଧ୍ୟ କୌଣସି ଲାଭ ହୁଏନାହିଁ । ଦଳ ଭିତରେ ଆଉ ଏକ ପ୍ରକାରର ସମାଲୋଚନା ଚାଲେ, ଯାହା ଭଲ ଭଲ କର୍ମୀମାନେ କରନ୍ତି ଏବଂ ଯେଉଁ ଆଲୋଚନାରେ ପରାଜୟ (defeat) ହେଲେ ମଧ୍ୟ ଆନନ୍ଦ ମିଳେ– ପ୍ରଚୁର ଆନନ୍ଦ ମିଳେ । କାରଣ, ସେମାନେ ସତ୍ୟ ପାଇଁ ଲଢ଼େଇ କରୁଛନ୍ତି । ମନେରଖିବା ଦରକାର, ଦଳ ନିକଟରେ ଆନନ୍ଦର ସହିତ ନିଜକୁ ସମର୍ପଣ କରିବା ଭିତରେ ଅବମାନନାର (humiliation) ର କୌଣସି ସ୍ଥାନ ନାହିଁ ।

ରାଜନୀତିରେ ଦଳେ ଲୋକଙ୍କୁ ପ୍ରାୟ ଦେଖିବାକୁ ମିଳେ, ଯେଉଁମାନେ ସବୁ ସମୟରେ ଅସନ୍ତୋଷ ପ୍ରକାଶ କରନ୍ତି । ସେମାନଙ୍କର ବୟସ ଯେତେ ବଢ଼େ, ଅଭିଜ୍ଞତା ବଢ଼ିବା ସଙ୍ଗେ ସଙ୍ଗେ ଅହଂ ମଧ୍ୟ ବଢ଼େ । କାରଣ, ସେମାନେ ଯେତେ ଲଢ଼େଇ କରନ୍ତୁ, ଯେତେ ଅଭିଜ୍ଞତା ଅର୍ଜନ କରନ୍ତୁ ନା କାହିଁକି ବ୍ୟକ୍ତିସତ୍ତାକୁ ଦଳ ସହିତ ବିଲୀନ କରି

ଦେବାର ସଂଗ୍ରାମକୁ ସେମାନେ ଏଡ଼ାଇ (by-pass କରି) ଯାଇଛନ୍ତି । ଦଳ ସହିତ ନିଜକୁ ବିଲୀନ କରିଦେବା ସଂଗ୍ରାମରେ ସେ କେଉଁଠି ରହିଛନ୍ତି, ଏହି ପ୍ରଶ୍ନ ସେ ନିଜକୁ ବାରମ୍ବାର ପଚାରନ୍ତି ନାହିଁ ଏବଂ ଦଳର ଆଉ ପାଞ୍ଚଜଣ କର୍ମୀଙ୍କ ଧାରଣାରେ ତାଙ୍କ ସ୍ଥାନ କେଉଁଠି ତାହା ମଧ୍ୟ ତଉଲି ଦେଖିନାହାନ୍ତି । ଏହିସବୁ ଲକ୍ଷ୍ୟ ନ କରି ସେ ଅନ୍ୟ ରାସ୍ତାରେ କାମ କରି ଯାଇଛନ୍ତି– ଅସନ୍ତୋଷ ପ୍ରକାଶ କରିଛନ୍ତି, ଫୁଟ୍ ଫାଟ୍ (hush hush) କରିଛନ୍ତି, ଏହିସବୁ କଦର୍ଯ୍ୟ (filthy) ଜିନିଷକୁ ନିଜ ଭିତରେ ଲାଳନପାଳନ କରିଛନ୍ତି । ଏହାର ଫଳ କ'ଣ ହୁଏ ? ତିରିଶ ବର୍ଷ ଧରି ଯଦି କେହି ଏକ ଆନ୍ଦୋଳନ ଭିତରେ ରହନ୍ତି, ତେବେ ଘୋଷି ଘୋଷି ସେ ମଧ୍ୟ ଅନେକ କଥା ଶିଖି ପକାନ୍ତି, ଅନେକ ତତ୍ତ୍ୱ ତାଙ୍କର ମୁଖସ୍ଥ ହୋଇଯାଏ । ଫଳରେ  ନିଜର ଯେ ଢ଼େର ବିଦ୍ୟା–ବୁଦ୍ଧି ଅଛି ଏହିଭାବେ ଏକ ଧାରଣା ତାଙ୍କ ମନରେ ଗଢ଼ି ଉଠେ । ତେଣୁ ତାଙ୍କ ଭିତରେ ଅହଂବୋଧ (ego) ଗଢ଼ି ଉଠିବାକୁ ବାଧ୍ୟ । ଏକଥା ଠିକ୍ ଯେ, ତିରିଶ ବର୍ଷ ଆନ୍ଦୋଳନର ଅଭିଜ୍ଞତା ଦ୍ୱାରା ଯେଉଁ ଜ୍ଞାନ ଅର୍ଜନ ସେ କରିଛନ୍ତି ଏବଂ ଅନେକ ଖବରା ଖବର ରଖିଛନ୍ତି, ସାଧାରଣ କର୍ମୀମାନଙ୍କର ତାଙ୍କ ଠାରୁ ଅନେକ କିଛି ଜାଣିବାର ଥାଏ । ଅଥଚ ଯେଉଁସବୁ ସାଧାରଣ କର୍ମୀମାନେ ତାଙ୍କ ଠାରୁ ଜାଣୁଛନ୍ତି ଏବଂ ଶିଖୁଛନ୍ତି ସେହିସବୁ ସାଧାରଣ କର୍ମୀମାନଙ୍କର ଯେଉଁସବୁ ଗୁଣ ଅଛି ତାହା ତାଙ୍କଠାରେ ନାହିଁ । ସେମାନେ ମୂଳ ଜିନିଷଟାକୁ ବୁଝିଛନ୍ତି, ପାର୍ଟି କ'ଣ ତାହା ବୁଝିଛନ୍ତି, ପାର୍ଟି ସହ ଶ୍ରେଣୀ ଏକାତ୍ମତା ବୁଝିଛନ୍ତି, ଯାହା ସେ ବୁଝିନାହାନ୍ତି । ସେମାନଙ୍କର ତିରିଶ ବର୍ଷର ଆନ୍ଦୋଳନ ଅଭିଜ୍ଞତା ନ ଥିଲେ ବି ସେମାନେ ଏକଥାଟି ବୁଝିଛନ୍ତି ଯେ, ପାର୍ଟି ସହିତ ନିଜକୁ ବିଲୀନ କରି ଦେବା ପ୍ରଶ୍ନକୁ ବାଦ ଦେଇ ଶ୍ରେଣୀ ସହିତ ନିଜକୁ ବିଲୀନ କରି ଦେବା କଥାର କୌଣସି ମାନେ ନାହିଁ ।

କର୍ମୀମାନଙ୍କର ମନେରଖିବା ଦରକାର, ଶ୍ରେଣୀ ଓ ଦଳ ସହ ନିଜକୁ ବିଲୀନ କରିଦେବାର ଏହି ସଂଗ୍ରାମକୁ ବାଦ ଦେଲେ ଅହଂବୋଧ ଜନ୍ମନିଏ । ପୁଣି ଅହଂବୋଧ ଅନେକ ବିପତ୍ତି ଡ଼ାକିଆଣେ । କାହା ଭିତରେ ଏହି ଅହଂବୋଧ ଜନ୍ମନେଲେ ଏବଂ ତାକୁ ଦୂର କରି ନପାରିଲେ ଦୀର୍ଘ ବର୍ଷର ଆନ୍ଦୋଳନର ଅଭିଜ୍ଞତା ଥିବା ସତ୍ତ୍ୱେ ତାଙ୍କ ସମ୍ପର୍କରେ ଏତେ ସମାଲୋଚନା କାହିଁକି ହେଉଛି ତା'ର କୌଣସି ପତ୍ତା ସେ ପାଇବେ ନାହିଁ । ପାର୍ଟି ତାଙ୍କର ଯୋଗ୍ୟତା, ତାଙ୍କର ଗୁଣାବଳୀ ସବୁକିଛିକୁ ସ୍ୱୀକାର କରେ ତଥାପି ପାର୍ଟି ତାଙ୍କୁ ଅଧିକାର ଦେବାକୁ ଚାହେଁ ନାହିଁ । କାରଣ ଦେଲେ ପାର୍ଟିର ସମୂହ ବିପଦ । ତାଙ୍କୁ ଏହି ଅଧିକାର ଦେବାରେ ପାର୍ଟିର କୌଣସି ଆପିତ୍ତି ନଥିଲା । କାରଣ ଜଣେ ଲୋକଙ୍କୁ ସମ୍ମାନ ଦେଲେ ପାର୍ଟିର ବା କ'ଣ ଅସୁବିଧା ହେବ ? ମାତ୍ର ଶ୍ରେଣୀ ସଚେତନ କମ୍ରେଡମାନଙ୍କର ଆଶଙ୍କା, ତାଙ୍କୁ ଏ ଅଧିକାର ଦେଲେ, ସେ ହୁଏତ ସେହି ଅଧିକାରକୁ ନିଜର ବ୍ୟକ୍ତିଗତ ସ୍ୱାର୍ଥରେ ବ୍ୟବହାର କରିପାରନ୍ତି ଏବଂ ଏକ ବ୍ୟକ୍ତିଗତ ସ୍ୱାର୍ଥବୋଧ ଓ ଧାରଣାରୁ ଏପରିକି

ତତ୍ତ୍ୱର ସ୍ୱରୂପଟିକୁ ମଧ୍ୟ କ୍ରମାଗତ ବଦଳାଇ ଦେଇପାରନ୍ତି । ଟ୍ରଟ୍ସ୍କିଙ୍କ ପରି ଏତେବଡ଼ ଜଣେ ପଣ୍ଡିତ ଲୋକ ବି ତ ପୁଣି ଇତିହାସର ଡ଼ଷ୍ଟବିନ୍ ଭିତରକୁ ନିକ୍ଷିପ୍ତ ହୋଇଗଲେ । ସାମୟିକଭାବେ, ଦୁଇ ଚାରିଜଣ ଲୋକଙ୍କର କ୍ଷତି କରି ଶେଷରେ ନିଜର କ୍ଷତି କଲେ । କିନ୍ତୁ ଏତେ କ୍ଷମତା ଥିବା ସତ୍ତ୍ୱେ ସେ ଶେଷଯାଏଁ ବିପ୍ଳବର ଲଗାମକୁ ଟାଣି ଅଟକାଇ ରଖି ପାରିଲେ ନାହିଁ । ତାହା ପାରିବା ସମ୍ଭବ ବି ନୁହେଁ । ବିରୁଦ୍ଧତା ପାଇଁ ଯଦି ଦଳର ଅଗ୍ରଗତି ବନ୍ଦ ହୋଇ ଯାଉଥାନ୍ତା ତାହାହେଲେ ଆମ ବିରୁଦ୍ଧରେ ତ ବୁର୍ଜୁଆମାନଙ୍କର, ଏପରିକି ତଥାକଥିତ ମାର୍କ୍ସବାଦୀମାନଙ୍କର ନିନ୍ଦାବାଦରେ ଦେଶ ଭରିଗଲା । କିନ୍ତୁ ଏଣୁତେଣୁ (random) ଗଳ୍ପ ବନେଇ ଚୁନେଇ, ମିଥ୍ୟା ପ୍ରଚାର କରି ଏବଂ କୁତ୍ସାରଟାଇ ଆମମାନଙ୍କ ଅଗ୍ରଗତିକୁ କ'ଣ ଅଟକାଇ ଦେଇ ପାରିଛନ୍ତି ? ତା କ'ଣ କରାଯାଇପାରେ- ନା, ପାରେନା ।

ଏହି ଆଚରଣବିଧି ମାନି ଚଳିବା ସମୟରେ ଆଉ ଗୋଟିଏ କଥା ଖିଆଲ ରଖିବା ଦରକାର । ମୁଁ ଆଗରୁ ହିଁ କହିଛି ଯେ, ଆମେମାନେ ସବୁ ବିଷୟରେ ଆଲୋଚନା କରିପାରୁ- କିନ୍ତୁ ଏଭଳି କୌଣସି ଆଲୋଚନା କରି ପାରୁନା, ଯାହା ନେତାମାନଙ୍କ ସାମନାରେ କରିପାରୁ ନା । ପାର୍ଟି ପାଖରେ ନେତାମାନଙ୍କ ସାମନାରେ କହିବା ସମୟରେ ତତ୍ତ୍ୱ ରୂପ ଦେଇ କହୁ, ପୁଣି ବାହାରେ ଯାଇ ବିଦ୍ରୂପ କରି କହୁ- ଏଇଭଳି ଚଳି ପାରିବ ନାହିଁ । ବିଦ୍ରୂପ କରି କହିବା ଯଦି କାହାର ରୀତି ହୁଏ, ତାହାହେଲେ ସେହି ଭାବରେ ନେତାମାନଙ୍କ ସାମନାରେ ସେ କହି ପାରିବେ ନାହିଁ କାହିଁକି ? ମୁଁ ନିଜେ କ'ଣ କରେ ? ଅନେକ ସମୟରେ ଏମିତି ହୁଏ ଯେ, ନେତାମାନଙ୍କ ସମ୍ପର୍କରେ ଘର ଭର୍ତ୍ତି ଲୋକଙ୍କ ଆଗରେ ମୁଁ ଆଲୋଚନା କରେ, ଖୋଲା ମିଜାଜ୍‌ରେ କରେ, ସେହି ନେତାମାନେ ବି ସେହି ଆଲୋଚନା ଶୁଣନ୍ତି । ଏପରିକି ମୁଁ ସେମାନଙ୍କୁ ପ୍ରଚଣ୍ଡ ଗାଳିଗୁଲଜ କରେ । ଏହାର ଅର୍ଥ ହେଲା, ମୁଁ ଯଦି କିଛି ଭାବିଥାଏ, ପଛରେ ଫୁସ୍‌ଫାସ୍ କରେ ନାହିଁ । ପ୍ରତ୍ୟେକଙ୍କ ସାମନାରେ ହିଁ ତାହା ଆଲୋଚନା କରୁଛି, ହଜାରେ ଥର ଆଲୋଚନା କରୁଛି, ଦଳର ସ୍ୱାର୍ଥ ପାଇଁ କରୁଛି । ସେହି ନେତାଙ୍କୁ ଅଲଗା ଭାବେ କହୁଛି, ପୁଣି ସମସ୍ତଙ୍କ ସାମନାରେ କହୁଛି, ଦଳେ ଲୋକଙ୍କ ସାମନାରେ କହୁଛି । ଏଥିରେ ଲାଭ ଦୁଇଟି, ପ୍ରଥମତଃ ମୋ ଭାବନାରେ ଯଦି କଛି ଭୁଲଥାଏ ତାକୁ ସଂଶୋଧନ କରି ନେଇହୁଏ- ଅର୍ଥାତ୍ ସମସ୍ତଙ୍କ ସାମନାରେ କହୁଛି ବୋଲି, ମୋର କୌଣସି ଭୁଲ ଥିଲେ, ସେହି ଭୁଲ ଧରାପଡ଼ିଯିବ । ପୁଣି ଏହି ଆଲୋଚନା ସମସ୍ତଙ୍କ ସାମନାରେ କରିବା ଦ୍ୱାରା ଅନ୍ୟମାନଙ୍କ ଭିତରେ ଏହି ଧରଣର ତ୍ରୁଟି ଥିଲେ, ତାଙ୍କର ବି ସେହି ତ୍ରୁଟି ଦୂର ହୋଇଯିବ । ପୁଣି ଏମିତି ହୋଇପାରେ, କେତେକ କମ୍ରେଡ୍‌ଙ୍କ କିଛି କଥା ଆଉ ଜଣେ ଅଲଗା କମେଡ୍‌କୁ କୁହାଯାଏ ନାହିଁ । ସେ କହେମ୍ରଡ୍‌ଟିକୁ ମୁଁ ଏହି ଯେଉଁ କହିଲି ନାହିଁ, ତାହା ଯେ ମୋ ବ୍ୟକ୍ତିଗତ ଖିଆଲ ଖୁସି

ଯୋଗୁଁ କହିଲି ନାହିଁ- ତାହା ନୁହେଁ । ମାତ୍ର ସେ କଥା ଉପଯୁକ୍ତ 'ପାର୍ଟି ବଡ଼ି' (appropriate party body) ଗୁଡ଼ିକୁ ଜଣାଇଲି । ଫଳରେ, ସମସ୍ତଙ୍କ ପାଖରେ କହିଲି ନାହିଁ- ତା'ର ମାନେ ଏହା ନୁହେଁ ଯେ, ଦଳ ପାଖରେ ତାହା ଗୋପନୀୟ ରହିଲା । ଏହାର ଅର୍ଥ ହେଲା ଦଳ ଭିତରେ ଏକ ଆଭ୍ୟନ୍ତରୀଣ ସୁସ୍ଥ ପରିବେଶ । ପାର୍ଟିର ଅଭ୍ୟନ୍ତରରେ ଏହି ସୁସ୍ଥ ପରିବେଶକୁ ବଜାୟ ରଖିବା ସହିତ କର୍ମୀମାନଙ୍କର ଏକାତ୍ମତା ଗଢ଼ିତୋଳିବାର ସଂଗ୍ରାମ ପରିଚାଳନା ପାର୍ଟି ପାଇଁ ଏକାନ୍ତ ଜରୁରୀ । ପାର୍ଟି ସହିତ ଏହି ଏକାତ୍ମତା ଗଢ଼ି ତୋଳିବାର ସଂଗ୍ରାମ ଯଦି ନଥାଏ ତାହାହେଲେ ପାର୍ଟିର ମୂଳନୀତି ଯେତେ ଠିକ୍ ଥାଉନା କାହିଁକି, ନିଜ ଭିତରେ କନ୍ଦଳ ଯୋଗୁଁ ଦଳୀୟ ସଂହତି ଅଭାବରେ ବିପ୍ଳବ ଭଣ୍ଡୁର ହୋଇଯାଇପାରେ । ପୁଣି, ଯଦିବା କୌଣସି ଉପାୟରେ ପାର୍ଟିର ମୂଳ ଦିଗଟିକୁ ରକ୍ଷା (guard) କରି ବିପ୍ଳବ କରିବା ବି ସମ୍ଭବ ହୁଏ, ତାହାହେଲେ ବିପ୍ଳବ ପରେ ଏସବୁ ସମସ୍ୟା ଆହୁରି ନଗ୍ନ ରୂପରେ ଦେଖାଦେବାକୁ ବାଧ୍ୟ ଏବଂ ଏମିତି ହେଲେ ଶେଷ ପର୍ଯ୍ୟନ୍ତ ବିପ୍ଳବକୁ ମଧ୍ୟ ରକ୍ଷା କରା ଯାଇପାରିବ ନାହିଁ । ଏଇଥିପାଇଁ କହୁଛି ଯେ, ଏହି (identification) ଏକାତ୍ମତା ଗଢ଼ିତୋଳିବାର ସଂଗ୍ରାମ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ପାର୍ଟି ଅଭ୍ୟନ୍ତରରେ ଖୋଲା ପରିବେଶରେ ଏହି ଆଲୋଚନା ପରିଚାଳନାର ସଂଗ୍ରାମଟିକୁ ସଦା ସର୍ବଦା ଚଳାଇ ରଖିବା ଦରକାର ।

ଏହି ପ୍ରସଙ୍ଗରେ ଆଉ ଗୋଟିଏ କଥା ବି କର୍ମୀମାନଙ୍କୁ ମନେ ରଖିବାକୁ ହେବ, ତାହା ହେଉଛି, କୌଣସି ସମୟରେ କୌଣସି ବିଶେଷ ବିଷୟ ଉପରେ ପାର୍ଟିର ମତାମତ ଭୁଲ ହୋଇଯାଇପାରେ; ତେବେ ତାକୁ ସୁଧାରିବାର ରାସ୍ତା କ'ଣ ଏବଂ ସେଠାରେ ପାର୍ଟି କର୍ମୀମାନଙ୍କର ଭୂମିକା କ'ଣ ? ଅବଶ୍ୟ ସେହି ଭୁଲକୁ ସୁଧାରିବାର ରାସ୍ତା ପାର୍ଟି କର୍ମୀମାନେ ନେବେ । କାରଣ, ପାର୍ଟି କର୍ମୀମାନଙ୍କର କାମତ ଆଉ ଭୁଲ ଦେଖାଇ ବାହାଦୁରୀ ନେବା ନୁହେଁ ଅଥବା ଭୁଲ ହୋଇଛି ବୋଲି ନିଜ ଭିତରେ ସେ ଧାରଣା ନେଇ ବସି ରହିବା ପାଇଁ ନୁହେଁ ବା ସେ ଭୁଲକୁ କେନ୍ଦ୍ରକରି ଅସନ୍ତୋଷ ପ୍ରକାଶ କରିବା ବା ବିକ୍ଷୋଭ ବିଚ୍ଛୁରଣ କରିବା ପାଇଁ ମଧ୍ୟ ନୁହେଁ । ଭୁଲ ସୁଧାରିବାର ପ୍ରଶ୍ନଟି ପାର୍ଟି କର୍ମୀମାନଙ୍କ ପାଖରେ ଏଇଥିପାଇଁ ଜରୁରୀ ଯେ, ଏହାଦ୍ୱାରା ପାର୍ଟି କ୍ଷତିଗ୍ରସ୍ତ ହେଉଛି । ନେତା ଓ କର୍ମୀମାନଙ୍କ ମଧ୍ୟରେ ଚିନ୍ତାଗତ ସଂହତି, ଅଭିନ୍ନ ଦୃଷ୍ଟିଭଙ୍ଗୀ (oneness in approach) ଏବଂ ସମପଦ୍ଧତିରେ ଚିନ୍ତା (one process of thinking) ଗଢ଼ି ତୋଳିବାର ପ୍ରକ୍ରିୟାଟି ବାଧାଗ୍ରସ୍ତ ହେଉଛି । ସୁତରାଂ ଏହାକୁ ଗଢ଼ି ତୋଳିବା ସଂଗ୍ରାମକୁ ନେତା ବା କର୍ମୀ କେହି ହେଲେ ବି ଏଡ଼ାଇ ଯାଇ ପାରିବେନାହିଁ । ସେହି ସଂଗ୍ରାମରେ ହିଁ ପରିକ୍ଷା ହେବ କାହାର ବ୍ୟକ୍ତିଗତ ଧାରଣା ଠିକ୍- ନା ପାର୍ଟି ଠିକ୍ । ଏହି ରାସ୍ତାରେ ବ୍ୟକ୍ତି ଓ ପାର୍ଟି ମଧ୍ୟରେ ଐକ୍ୟମତ ଗଢ଼ି ଉଠିବ, ବ୍ୟକ୍ତି (individual) ଓ ସମଷ୍ଟି (collective) ମଧ୍ୟରେ ଐକ୍ୟ ପ୍ରତିଷ୍ଠା ହେବ । ଏହି ବିରୋଧ ମଧ୍ୟରେ କ୍ରମାଗତ ଭାବରେ ଐକ୍ୟ ପ୍ରତିଷ୍ଠାର ସଂଗ୍ରାମ ହେଲା ପାର୍ଟି ଭିତରେ

ଚିନ୍ତାର ଐକ୍ୟ (uniformity of thinking), ଅଭିନ୍ନ ଦୃଷ୍ଟିଭଙ୍ଗୀ (oneness in approach) ଏବଂ ସମଧରଣର ପ୍ରଚାର କୌଶଳ (uniform style of propaganda) ଗଢ଼ି ତୋଳିବାର ଏକମାତ୍ର ଉପାୟ । ଏହି କଥାଗୁଡ଼ିକୁ ବିଶେଷ ଭାବରେ ମନେରଖିବା ଦରକାର ।

ପାର୍ଟି ଭିତରେ ଏହି ଆଲୋଚନାର ମଧ୍ୟ କେତେଗୁଡ଼ିଏ ରୀତି ଏବଂ ପଦ୍ଧତି ରହିବା ଦରକାର । ଯେମିତି, କୌଣସି ନେତା ଏବଂ କର୍ମୀ କିଭଳିଭାବରେ କେଉଁ ବିଷୟଟିକୁ ଆଲୋଚନା କରି ପାରନ୍ତି, ସେକଥା ସବୁ ସମୟରେ ଖିଆଲ ରଖିବାକୁ ହେବ । ଏହି ଆଲୋଚନା ବା ସମାଲୋଚନା ସମୟରେ ମନେ ରଖିବାକୁ ହେବ, ପ୍ରତିଟି କମ୍ରେଡ୍ ତାଙ୍କ ନିଜ ସ୍ତରର ସମାଲୋଚନା ତାଙ୍କ ନିଜ ସ୍ତରରେ ଏବଂ ତାଙ୍କ ତଳସ୍ତରର ସମାଲୋଚନା ତାଙ୍କ ନିଜ ସ୍ତରରେ ଓ ତାଙ୍କ ତଳ ସ୍ତରରେ କରିପାରନ୍ତି । ଯେଉଁସବୁ ବ୍ୟକ୍ତିଗତ ଏବଂ ସଂଗଠନଗତ ପ୍ରଶ୍ନ ସବୁ କମ୍ରେଡ୍‌ମାନଙ୍କର ଜାଣିବା କଥା (concern) ନୁହେଁ, ସେଗୁଡ଼ିକୁ ନେଇ ଆଲୋଚନା ବା ସମାଲୋଚନା କୌଣସି କମ୍ରେଡ୍ ତାଙ୍କ ନିଜ ସ୍ତରର କମ୍ରେଡ୍ ସମ୍ପର୍କରେ ହେଲେ କେବଳମାତ୍ର ତାଙ୍କ ନିଜ ସ୍ତର ବା ତାଙ୍କ ଉପର ସ୍ତରର କମ୍ରେଡ୍‌ମାନଙ୍କ ସହିତ କରିପାରନ୍ତି । କିନ୍ତୁ କେବେହେଲେ ବି ତଳ ସ୍ତରର କମ୍ରେଡ୍‌ମାନଙ୍କ ପାଖରେ ତାହା ପ୍ରକାଶ କରିପାରିବେ ନାହିଁ । ଠିକ୍ ସେମିତି ପ୍ରତ୍ୟେକଙ୍କୁ ତାଙ୍କ ଉପର ସ୍ତରର କୌଣସି କମ୍ରେଡ୍ ସମ୍ପର୍କରେ କୌଣସି ମତାମତ ପ୍ରକାଶ କରିବାକୁ ହେଲେ, ଏକମାତ୍ର ତାଙ୍କ ଉପର ସ୍ତରର କମ୍ରେଡ୍‌ମାନଙ୍କ ସହିତ ହିଁ ତାହା କରିପାରନ୍ତି । ମାତ୍ର କେବେ ବି ସେହି ମତାମତ ତାଙ୍କ ନିଜ ସ୍ତରରେ ବା ତଳ ସ୍ତରର କର୍ମୀଙ୍କ ନିକଟରେ ପ୍ରକାଶ କରି ପାରିବେନାହିଁ । କେବଳ ତତ୍ତ୍ୱ ସଂକ୍ରାନ୍ତୀୟ ବିଷୟଗୁଡ଼ିକ ପ୍ରତ୍ୟେକ ସମସ୍ତଙ୍କ ସାମନାରେ ଆଲୋଚନା କରିପାରିବେ । କମ୍ରେଡ୍‌ମାନଙ୍କର ମନେରଖିବା ଦରକାର, ଆଚରଣବିଧି ସଂକ୍ରାନ୍ତୀୟ ସମସ୍ତ ବିଷୟ ପ୍ରଥମରୁ ସୂତ୍ର ଭାବରେ ଜବରଦସ୍ତି ଆମ ପାର୍ଟି ଭିତରେ ଚପେଇ ଦେବାର ଚେଷ୍ଟା ହୋଇନାହିଁ । ଆମ ପାର୍ଟି– ଜୀବନର ସଂଗ୍ରାମ ଭିତର ଦେଇ ଏହି ନିୟମକାନୁନ ଏବଂ ଆଚରଣବିଧିଗୁଡ଼ିକ ଗଢ଼ି ଉଠିଛି ।

ତାହାହେଲେ ଦେଖାଗଲା, ଏହିସବୁ ସମସ୍ୟା ଭିତରେ ଦୁଇଟି ଦିଗ ଅଛି । ଗୋଟିଏ ହେଉଛି, କମ୍ରେଡ୍‌ମାନଙ୍କର ବ୍ୟକ୍ତିଗତ ଅଥବା ଗୋପନ (secret) ସମସ୍ୟାର ଦିଗ, ଅନ୍ୟଟି ହେଉଛି, ଏହିସବୁ ବ୍ୟକ୍ତିଗତ ସମସ୍ୟାରୁ ଜନ୍ମ ହେଉଥିବା ଯେଉଁସବୁ ସାଧାରଣ ପଥ ନିର୍ଦ୍ଦେଶକ (general guideline) ମିଳେ, ସେସବୁ ସମସ୍ୟାର ଦିଗ, ଏହି ଦ୍ୱିତୀୟ ଧରଣର ବିଷୟ ଗୁଡ଼ିକ ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର– ସେମାନଙ୍କର ଶିକ୍ଷା ପାଇଁ । କିନ୍ତୁ କୌଣସି କମ୍ରେଡ୍ ତାଙ୍କ ଉପରସ୍ତରର କୌଣସି କମ୍ରେଡ୍ ସମ୍ପର୍କରେ ସଂଗଠନଗତ ବା ବ୍ୟକ୍ତିଗତ ଦିଗ–ଯେଉଁ ବିଷୟଗୁଡ଼ିକ ପାର୍ଟି ସ୍ୱାର୍ଥରେ ଗୋପନ ରଖିବା

ଉଚିତ୍ ଏବଂ ଯେଉଁ କଥାଗୁଡ଼ିକୁ ସେ ଉଚ୍ଚତର 'ପାର୍ଟି ବଡ଼ି' (patry body) ଜରିଆରେ ଜାଣିଛନ୍ତି, ସେଗୁଡ଼ିକୁ ନିଜ ସ୍ତରର ବା ତଳ ସ୍ତରର କମ୍ରେଡ୍‌ମାନଙ୍କ ପାଖରେ କୌଣସି ସମୟରେ ଆଲୋଚନା କରିବେ ନାହିଁ । କିନ୍ତୁ କମ୍ରେଡ୍‌ମାନେ ନେତାମାନଙ୍କ ସାଧାରଣ ରୁଚିଗତ, ସଂସ୍କୃତିଗତ, ରାଜନୈତିକ ବ୍ୟବହାର ସଂକ୍ରାନ୍ତୀୟ ବା ଆଚରଣଗତ ତ୍ରୁଟି ବିଚ୍ୟୁତି ସମ୍ପର୍କରେ ପ୍ରକାଶ୍ୟରେ ଆଲୋଚନା କରିପାରନ୍ତି । କିନ୍ତୁ ସବୁ ସମୟରେ ମନେରଖିବାକୁ ହେବ ଏହି ଆଲୋଚନା ଅନ୍ୟତ୍ର ଠିକ୍ ଯେଭଳି ଭାବରେ କରୁଛନ୍ତି, ସେହି ବିଶେଷ ନେତାଙ୍କ ଆଗରେ ବି ଠିକ୍ ସେମିତି ଭାବରେ ସେହି ଆଲୋଚନା କରିପାରିବା ଦରକାର । ଠିକ୍ ସେମିତି, ପ୍ରତ୍ୟେକ କମ୍ରେଡ୍‌ମାନଙ୍କ ତଳସ୍ତରର ଯେକୌଣସି କମ୍ରେଡ୍ ସମ୍ପର୍କରେ ଆଲୋଚନା କରି ପାରନ୍ତି ଏବଂ ତାହା ସେମାନଙ୍କ ଅନୁପସ୍ଥିତିରେ ମଧ୍ୟ କରିପାରନ୍ତି । କିନ୍ତୁ ତାହା ପୁଣି ତାଙ୍କ ସାମନାରେ ବି କରିପାରିବା ଦରକାର । ପୁଣି ଏହି ଦୁଇଟିଯାକ କ୍ଷେତ୍ରରେ ଆଲୋଚନାର ଯେଉଁ ଅଂଶଟି ସାଧାରଣ ସଂଗଠନଗତ ଏବଂ ତତ୍ତ୍ୱଗତ– ସେହି ଅଂଶଟା ସମସ୍ତଙ୍କ ସାମନାରେ ମଧ୍ୟ ଆଲୋଚନା ହୋଇପାରେ । କିନ୍ତୁ କେନ୍ଦ୍ରୀୟ କମିଟି ପାର୍ଟିର ସମସ୍ତ ନେତା ଓ କର୍ମୀମାନଙ୍କ ସମ୍ପର୍କରେ ଆଲୋଚନା କରିପାରନ୍ତି । ପୁଣି, ଏହିସବୁ ଆଲୋଚନା-ସମାଲୋଚନା କରିବା ସମୟରେ ଉପରୋକ୍ତ ବିଷୟଗୁଡ଼ିକ ଛଡ଼ା ମଧ୍ୟ କେତେଗୁଡ଼ିଏ ରୀତି ମଧ୍ୟ ମାନିବାକୁ ହୁଏ । ଏହିସବୁ ଆଲୋଚନା କରିବା ସମୟରେ ସର୍ବଦା ଖିଆଲ ରଖିବାକୁ ହେବ ଯେ, ପ୍ରଥମତଃ ବିଶେଷ ଧରଣର ସେହି ଆଲୋଚନା ଦ୍ୱାରା ପାର୍ଟିର ସ୍ୱାର୍ଥ ସଂରକ୍ଷିତ ହେଉଛି କି ନାହିଁ, ଦ୍ୱିତୀୟ ପ୍ରଶ୍ନ ହେଉଛି, ଅନ୍ୟକୁ ସମାଲୋଚନା କରିବା ବେଳେ ସର୍ବଦା ଅନ୍ୟର ଗୁଣଗୁଡ଼ିକୁ ଆଗେ ଦେଖିବାର ଚେଷ୍ଟା କରିବାକୁ ହେବ ଏବଂ ସେହି ପରିପ୍ରେକ୍ଷୀରେ ତାଙ୍କ ଦୋଷର ପରିମାଣକୁ ତଉଲି ଦେଖିବାକୁ ହେବ । ତୃତୀୟତଃ କୌଣସି କମ୍ରେଡ୍ ସମ୍ପର୍କରେ କୌଣସି ମତାମତ ପୋଷଣ କରିବା ଏବଂ ତାହା ବ୍ୟକ୍ତ କରିବା ଆଗରୁ ଏହି ମତାମତର ଯାହାକିଛି ବ୍ୟକ୍ତିଗତ ଦିଗ, ପାର୍ଟିର ବିଚାର ସହିତ ତାର ମେଳ ଅଛିକି ନାହିଁ, ତାହା ଆଗେ ନେତୃତ୍ୱ ସହିତ ଆଲୋଚନା କରି ଦେଖିବାକୁ ହେବ । ଏମିତି ହୋଇପାରେ କୌଣସି କମ୍ରେଡ୍ ଏହି ବିଷୟରେ ନିଜ ମନ ଭିତରେ ଯେଉଁ ମତାମତ ଲାଳନପାଳନ କରୁଛନ୍ତି, ପାର୍ଟିର ବିଚାର ସହିତ ତାର କୌଣସି ମେଳ ନାହିଁ । ଆଲୋଚନା କଳାପରେ ଯଦି ଦେଖାଯାଏ ଯେ କାହାରି ନିଜସ୍ୱ ମତାମତ ଉକ୍ତ ବିଶେଷ ବିଷୟ ସମ୍ପର୍କରେ ପାର୍ଟିର ସେହି ବିଶେଷ ବିଷୟ ସମ୍ପର୍କିତ ମତାମତ ସହିତ ଖାପ ଖାଉନି, ତେବେ ଖୁସି ମନରେ ପାର୍ଟି ମତାମତକୁ ତାଙ୍କୁ ମାନିନେବାକୁ ପଡ଼ିବ । କାରଣ, କୌଣସି କମ୍ରେଡ୍ ଯିଏ ନିଜେ କୌଣସି ଏକ ବିଷୟ ସମ୍ପର୍କରେ ମନରେ ଏକ ମତାମତ ପୋଷଣ କରି ବସିଛନ୍ତି, ସେହି ମତାମତ ବା ସେହି ମନେ କରିବାଟା କ'ଣ ନିଜ ପାଇଁ ? ନା ସାମଗ୍ରିକ ବିପ୍ଳବ ସ୍ୱାର୍ଥରେ, ପାର୍ଟି ପାଇଁ ? ଏହା ତାଙ୍କୁ

ଭାବିବାକୁ ହେବ । ପାର୍ଟି ମତାମତ ବାହାରେ ସେହି କମ୍ରେଡ୍ ଯଦି କୌଣସି ବିଷୟ ସମ୍ପର୍କରେ ତାଙ୍କର ନିଜସ୍ୱ ମତାମତ ନେଇ ଚାଲନ୍ତି, ତେବେ ତା'ର ଫଳାଫଳ ମାରାତ୍ମକ ହୁଏ । ତା ଦ୍ୱାରା ସେହି କମ୍ରେଡ୍ ଜଣକ ସେହି ବିଶେଷ ବିଷୟ ସମ୍ପର୍କରେ ଯେଉଁ ଧାରଣା (impression) ପୋଷଣ କଲେ ତାହା ଠିକ୍ କି ଭୁଲ ଜାଣିବା କିପରି ? ତାହା କରିବାକୁ ହେଲେ, ତାଙ୍କର ଯାହା ନିଜସ୍ୱ ଧାରଣା (impression) ତାହାକୁ ପାର୍ଟି ସହ ଆଲୋଚନା ମଧ୍ୟ ଦେଇ ପରୀକ୍ଷା (test) ମଧ୍ୟକୁ ସଂଘାତ ଭିତରକୁ ନିକ୍ଷେପ କରିବାକୁ ହେବ । ଏହି ସଂଘାତ ଭିତର ଦେଇ ହୁଏତ ପାର୍ଟିର ମତ ପରିବର୍ତ୍ତିତ ହେବ, ନ ହେଲେ ତାଙ୍କ ନିଜସ୍ୱ ମତ ପରିବର୍ତ୍ତିତ ହେବ– ଅଥବା ସମ୍ପୂର୍ଣ୍ଣ ନୂତନ ମତାମତ ର ସୃଷ୍ଟି ହେବ । ଏହି ତିନୋଟି ଭିତରୁ କୌଣସି ଏକ ଅବସ୍ଥାନ (position) କୁ ବାଛିନେବାକୁ ହେବ । ମନେରଖିବା ଦରକାର, ଏକ୍ଷେତ୍ରରେ ଦ୍ୱିଧାଗ୍ରସ୍ତ ମନୋଭାବ (indecission) ର କୌଣସି ସ୍ଥାନ ନାହିଁ । କେହି ମନେ ମନେ ଭାବି ନେଇ ପାରନ୍ତି– ଯେହେତୁ ତାଙ୍କର ଏହି ନିଜସ୍ୱ ମତାମତ ପାର୍ଟିର ସାମଗ୍ରିକ ଜୀବନ ଧାରାରେ କୌଣସି ବିପତ୍ତି ସୃଷ୍ଟି କରୁ ନାହିଁ ଏବଂ ତାଙ୍କ ନିଜ କ୍ଷେତ୍ରରେ ମଧ୍ୟ ପାର୍ଟିର ଦୈନନ୍ଦିନ ଆନ୍ଦୋଳନ ସହିତ ଜଡ଼ିତ ହୋଇ ରହିବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି କରୁ ନାହିଁ– ଫଳରେ ପାର୍ଟି ସହିତ ଆଲୋଚନା କରି ସେ ଏହି ବିଶେଷ ଧାରଣା ସମ୍ପର୍କରେ କୌଣସି ମିମାଂସା କରିବା ସେମିତି କିଛି ବିଶେଷ ପ୍ରୟୋଜନ ବୋଲି ସେ ଅନୁଭବ କରୁନାହାନ୍ତି, ତାହାହେଲେ ସେ ଏକ ମାରାତ୍ମକ ଭୁଲ କରି ବସିବେ । କାରଣ ଦ୍ୱନ୍ଦ୍ୱମୂଳକ ବସ୍ତୁବାଦ କୁହେ ଯେ କୌଣସି ଏକ ସତ୍ତା କେବେ ଚୁପ୍‌ଚାପ୍ ରହିପାରେନା । ଫଳରେ ତାଙ୍କର ଏହି ଚିନ୍ତା (conception) ବା ଧାରଣା କ'ଣ ଚୁପ୍‌ଚାପ୍ ବସି ରହିବ ? ସେ ତାକୁ ଚପେଇ ରଖିଲେ ବି ତାହା ସ୍ଥିର ଭାବରେ ବସି ରହିବ ନାହିଁ । ଟୁକ୍ ଟୁକ୍ କରି ଉଇ ଭଳି କାଟି ମନର ଶାନ୍ତିକୁ ନଷ୍ଟ କରି ପକାଇବ । ତାଙ୍କ ଚିନ୍ତାରେ ମଧ୍ୟ ଘୂଣ ଧରିବ ଏବଂ ସେ ତାକୁ ଲୁଚାଇ ରଖି ପାରିବେ ନାହିଁ । କାରଣ ମନ ବଡ଼ ଅଦ୍ଭୁତ ଜିନିଷ । ସେ ଯେ କେତେବେଳେ କେଉଁଭଳି ଭାବାରେ କ୍ରିୟା କରେ, ତାହା ସାଧାରଣ ମଣିଷ ଜାଣି ପାରେନା । ଏପରି ଯଦି ହୁଏ ଯେ, କେହି କୌଣସି ଧାରଣାକୁ ପ୍ରଶ୍ରୟ ଦେଉଛନ୍ତି– ଅଥଚ ପାର୍ଟି ସହିତ ତାହା ଆଲୋଚନା କରି ନାହାନ୍ତି, ତାହାହେଲେ ମନ ତାଙ୍କର ସାମଗ୍ରିକ ଚିନ୍ତା ଓ ଧାରଣାର ପ୍ରକ୍ରିୟାରେ ପ୍ରତିକ୍ରିୟା ସୃଷ୍ଟି କରିବ, କରିବାକୁ ବାଧ୍ୟ । ସୁତରାଂ ମନକୁ ନିଜର ଖିଆଲ ଖୁସିରେ ଚାଲିବାକୁ ଦେବା ଉଚିତ୍ ନୁହେଁ । ତୁଚ୍ଛ ବିଷୟ ସମ୍ପର୍କରେ ମନକୁ ଖିଆଲ ଖୁସିରେ ଚାଲିବାକୁ ଦେବା ଦ୍ୱାରା କେତେ ଯେ ସମ୍ଭାବନାମୟ ବିପ୍ଳବୀ ଚରିତ୍ର ନଷ୍ଟ ହୋଇଯାଇଛି ବା ହେଉଛି ତା'ର ଇୟତ୍ତା ନାହିଁ । ଫଳରେ ଯେକୌଣସି ଧାରଣା ସେ ଯେତେ ତୁଚ୍ଛ ରୂପରେ ଥାଉନା କାହିଁକି, ତାକୁ ପକେଇ ରଖିବା ଉଚିତ୍ ନୁହେଁ । ପୁଣି ତା'ର ସତ୍ୟାସତ୍ୟ ନିରୂପଣ କରିବାର ସବୁଠାରୁ ନିର୍ଭରଯୋଗ୍ୟ

ଅସ୍ତ୍ର ହେଉଛି ପାର୍ଟି । କାରଣ, ପାର୍ଟିର ମତାମତ କାହାର ନିଛକ ବ୍ୟକ୍ତିଗତ ଧାରଣା ଉପରେ ଗଢ଼ି ଉଠିନାହିଁ । ପାର୍ଟିର ସବୁ କର୍ମୀମାନଙ୍କ ଚିନ୍ତାର ଦ୍ୱନ୍ଦ୍ୱ ଓ ସଂଘାତ ଫଳରେ ଯେଉଁ ସମ୍ମିଳିତ ଅଭିଜ୍ଞତା ଗଢ଼ି ଉଠିଛି ତାହା ଭିତର ଦେଇ ପାର୍ଟିର ମତାମତ ଗଢ଼ି ଉଠିଛି ।

ତାହେଲେ କମ୍ରେଡ୍‌ମାନେ ଗୋଟିଏ ବିଷୟ ଦେଖିପାରୁଛନ୍ତି ଯେ, କର୍ମୀମାନଙ୍କ ସାମନାରେ ଦୁଇ ଧରଣର ସଂଗ୍ରାମ ରହିଛି । ଗୋଟିଏ ହେଉଛି ବାହାରର ରାଜନୈତିକ ସଂଗ୍ରାମ, ଆରଟି ହେଉଛି ଭିତର ସଂଗ୍ରାମ । ଶ୍ରମିକଶ୍ରେଣୀର ଯେଉଁ ଆନ୍ଦୋଳନ ବାହାରେ ଚାଲୁଛି ତା ସହିତ ପାର୍ଟିର ଅଭ୍ୟନ୍ତରୀଣ ସଂଗ୍ରାମକୁ ଯଥାର୍ଥ ଭାବେ ସଂଯୋଜିତ କରିବାକୁ ପଡ଼ିବ । ପାର୍ଟିକୁ 'ଗୋଟିଏ ମଣିଷ' (one man) ଭାବରେ ଗଢ଼ି ତୋଳିବାର ସଂଗ୍ରାମକୁ ଆମ୍ଭମାନଙ୍କର ପ୍ରତିଦିନର ରାଜନୈତିକ ସଂଗ୍ରାମ ସହ ମିଶାଇବାକୁ ହେବ । ସେଥିପାଇଁ ଯେତେବେଳେ ହେଉନା କାହିଁକି, ଯେକୌଣସି କମ୍ରେଡ୍ ପ୍ରଶ୍ନ କରୁ– ତା'ର ଦୁଇଟି ଦିଗ ଅଛି । ଗୋଟିଏ ହେଉଛି ତାଙ୍କ ପ୍ରଶ୍ନର ରାଜନୀତିଗତ ଦିଗ, ତତ୍ତ୍ୱଗତ ଦିଗ । ଅନ୍ୟଟି ହେଉଛି ଯିଏ ପ୍ରଶ୍ନ କରୁଛନ୍ତି ତାଙ୍କ ନିଜ ଆଚରଣର ଦିଗ । ଏହି ଦୁଇଟି ଭିତରୁ କୌଣସିଟିକୁ ନ୍ୟୁନକରି ଦେଖିଲେ ଚଳିବ ନାହିଁ । ବଡ଼ କଥା ସବୁ କମ୍ରେଡ୍‌ମାନଙ୍କର କହିବାର ଅଧିକାର ଅଛି କାରଣ, ସମସ୍ତେ ବଡ଼ ହୁଅନ୍ତୁ ନେତାମାନଙ୍କ ସଂଖ୍ୟା ବଢୁ, ଏହା ହିଁ ତ ଆମେ ଚାହୁଁ । ତେବେ ଯାଇ ଅମେମାନେ ଏହି ବିରାଟ ସମସ୍ୟା (vast problem), ବହୁମୁଖି ସମସ୍ୟା (multitude of problem)ର ସମାଧାନ କରିପାରିବା ।

ମୁଁ ଆଜିକାଲି ଗୋଟିଏ କଥା ପ୍ରାୟ କୁହେ, ଦଳ ବଢୁଛି– କିନ୍ତୁ ନେତାମାନଙ୍କ ସଂଖ୍ୟା ବଢୁନାହିଁ । କିନ୍ତୁ, କେହି ଯଦି ନେତୃତ୍ୱ ପାଇଁ ଅସ୍ତବ୍ୟସ୍ତ ହୁଏ, ତେବେ ତାଙ୍କ ହାତରେ ତ ଆଉ ନେତୃତ୍ୱ ଟେକି ଦିଆଯାଇ ପାରିବନାହିଁ । ଯେତେବେଳ ପର୍ଯ୍ୟନ୍ତ ସେ ପ୍ରମାଣ କରି ନ ପାରିଛନ୍ତି ଯେ ସେ ନିଜେ ମରିବେ ପଛେ କିନ୍ତୁ ପାଟିକୁ ମରିବାକୁ ଦେବେନାହିଁ– ତାହା ଯେତେବେଳ ପର୍ଯ୍ୟନ୍ତ ପାର୍ଟିର ହୃଦ୍‌ବୋଧ ନହୋଇଛି– ସେତେବେଳ ପର୍ଯ୍ୟନ୍ତ କିପରି ଭାବରେ ପାର୍ଟି ତାଙ୍କ ହାତରେ ନେତୃତ୍ୱ ତୋଳିଦେବ ? ଏମିତି ବହୁ କମ୍ରେଡ୍ ଅଛନ୍ତି, ଯେଉଁମାନେ ନେତୃତ୍ୱ ଦେବା ପାଇଁ ଯୋଗ୍ୟ ବୋଲି ନିଜେ ନିଜକୁ ମନେ କରନ୍ତି । କିନ୍ତୁ ସେମାନେ ନିଜେ ମନେକରନ୍ତି ବା ଭାବନ୍ତି ବୋଲି କ'ଣ ସେମାନେ ଯୋଗ୍ୟ କି ଯୋଗ୍ୟ ନୁହନ୍ତି, ତାହା ପ୍ରମାଣ ହୋଇଯାଇଛି । ନିଜ ଜୀବନରେ କେତେ ଯୋଗ୍ୟତାର ପ୍ରମାଣ ସେମାନେ ଦେଇଛନ୍ତି, ସେକଥା କ'ଣ ଥରେ ହେଲେ ବି ଭାବି

ଦେଖିଛନ୍ତି ? କେତେଟା ସଂଗଠନ ସେମାନେ ନିଜେ ଗଢ଼ିଛନ୍ତି ? କେତେଦୂର ପାର୍ଟି ଚଳାଇ ପାରିଛନ୍ତି ? ଏସବୁ କଥା ଭାବିବା ଦରକାର । ଆମେମାନେ ତ ଚାହୁଁ, ପାର୍ଟିର ଗଦା ଗଦା କର୍ମୀ ନେତା ହେବାର ଯୋଗ୍ୟତା ଅର୍ଜନ କରନ୍ତୁ । ନେତା ନାହାନ୍ତି ବୋଲି ତ ଠିକ୍ ଭାବରେ ପାର୍ଟିର କାମ ହୋଇପାରୁନାହିଁ । ସେକ୍ରେଟେରିଏଟ୍‌ର କାମ ଚାଲିପାରୁନାହିଁ । ପାର୍ଟିର ଯେଉଁ ମୁଖପତ୍ରର ଏତେ ଚାହିଦା ତାକୁ ନିୟମିତ ଭାବେ ଆମେ ପ୍ରକାଶ କରିପାରୁନାହୁଁ । ଯିଏ ଚଣ୍ଡିପାଠ କରୁଛନ୍ତି ସେ ଜୋତା ସିଲେଇ ବି କରୁଛନ୍ତି । ଦଳ ଭିତରେ ଅଧିକ ସଂଖ୍ୟକ ଦକ୍ଷ କର୍ମୀର ଅଭାବ– ଏହା ତ ଆଜି ପାର୍ଟିର ପ୍ରକୃତ ସଙ୍କଟ । ତେଣୁ ଏହି ହଲଭର୍ଡ୍ ଲୋକ– ଆପଣମାନେ ନେତା ହୁଅନ୍ତୁ, ତାହା ଆମେ ଚାହୁଁ । କିନ୍ତୁ ସେଥିପାଇଁ ନେତା ହେବା ଭଳି ଯୋଗ୍ୟତା ଆପଣମାନଙ୍କୁ ଅର୍ଜନ କରିବାକୁ ହେବ । ନେତା ମାନେ କ'ଣ ? ଯିଏ ଗୋଟିଏ ପଟରେ ଜନସାଧାରଣଙ୍କୁ ଉଦ୍‌ବୁଦ୍ଧ (rouse) କରିବେ, ଜନସାଧାରଣଙ୍କ ଭିତରେ ବିପ୍ଳବୀ ସଙ୍ଗଠନ ଗଢ଼ିତୋଳିବେ, ଅନ୍ୟପଟରେ ପାର୍ଟିର ଐକ୍ୟ ସାଧନ କରିବେ, ତା'ର ସ୍ୱାସ୍ଥ୍ୟ ରକ୍ଷା କରିବେ– ତେବେ ଯାଇ ସେ ନେତା ହେବେ । ସମସ୍ତ ରକମର କ୍ଷମତା ନ ଥିଲେ ନେତା ହେବା ସମ୍ଭବ ନୁହେଁ । ଏମିତି ଅନେକ ଅଛନ୍ତି, ଯେଉଁମାନଙ୍କ ଭିତରୁ କେହି ହୁଏତ ବକ୍ତୃତା ଦେଇ ପାରନ୍ତି, କେହି ଲେଖାଲେଖି କରି ପାରନ୍ତି ବା ରାଜନୈତିକ କ୍ଲାସ ନେଇ ପାରନ୍ତି । କିନ୍ତୁ ସଙ୍ଗଠନର ଜଟିଳ ସମସ୍ୟା କିଭଳି ସମାଧାନ (tackle) କରିବାକୁ ହୁଏ, ତାହା ଜାଣନ୍ତି ନାହିଁ । ସଙ୍ଗଠନର ସମସ୍ୟା ସମାଧାନ (tackle) କରିବା ପାଇଁ ଯେଉଁ ବଡ଼ ଜିନିଷଟି ଦରକାର, ତାହା ହେଉଛି, ଅନ୍ୟକୁ କିଛି କହିବା ଆଗରୁ ତାର ବକ୍ତବ୍ୟକୁ ପ୍ରଥମେ ଭଲଭାବରେ ବୁଝିନେବାକୁ ହେବ । ଦ୍ୱିତୀୟତଃ ନାନା ରକମର ସମସ୍ୟା ସମାଧାନ କରିବାକୁ ହେଲେ ନିଜକୁ ସମସ୍ତ ପ୍ରକାରର ସମସ୍ୟାରୁ ମୁକ୍ତ ରଖିବାକୁ ହେବ । ଯେଉଁ ନେତା ନିଜର ସମସ୍ୟାରୁ ନିଜକୁ ମୁକ୍ତ ରଖିବା ପାଇଁ ଲଢ଼େଇ କରି ପାରନ୍ତି ନାହିଁ, ସେ ଅନ୍ୟକୁ ନେତୃତ୍ୱ ଦେବ କିପରି ? ସେସବୁ କ୍ଷେତ୍ରରେ କେତେକ ଅଯୋଗ୍ୟ ଲୋକଙ୍କ ହାତରେ ଆସି ନେତୃତ୍ୱ ପହଁଞ୍ଚେ– ଯେଉଁମାନେ ସର୍କୁଲାର ଦେଇ ପାରିବେ, କ୍ଲାସ ନେଇ ପାରିବେ, ଧମକ ଦେଇ ପାରିବେ, କିନ୍ତୁ ସାଙ୍ଗଠନିକ ସମସ୍ୟା ସମାଧାନ କରି ପାରିବେ ନାହିଁ । ଏହିଭଳି ନେତା ହେଲେ ପାର୍ଟି ଚାଲି ପାରିବ ନାହିଁ ।

ପୁଣି ଅନେକ ଅଛନ୍ତି, ଯେଉଁମାନେ ବିପ୍ଳବ ପାଇଁ ଅନେକ କିଛି ଛାଡିବାକୁ ରାଜି– କିନ୍ତୁ ପ୍ରୟୋଜନ ହେଲେ ବି ପରିବାର ଛାଡ଼ି ପାନ୍ତି ନାହିଁ ବା ପାର୍ଟି ପାଖରେ ବିନା ସର୍ତ୍ତରେ ନିଜକୁ ସମର୍ପଣ (surrender) କରି ପାରନ୍ତି ନାହିଁ । ତାହାହେଲେ ସେମାନେ

ନେତା ହେବେ କେମିତି ? ଆମେମାନେ କ'ଣ ନେଇ ଆରମ୍ଭ କରିଛୁ ? କେଉଁ ନେତା ସେଦିନ ଆମକୁ ଖାଇବାକୁ ପାଇବାର, କାମ ପାଇବାର ଗ୍ୟାରେଣ୍ଟି ଦେଇଥିଲେ ଯେ, ଆମେମାନେ ସବୁ କଥାକୁ ତୁଚ୍ଛ କରି ସବୁ କିଛି ଛାଡ଼ି ଆସିଥିଲୁ । ବରଂ ସେଦିନ ଆମମାନଙ୍କ ପାଖରେ ବିଷୟଟି ଏହିଭଳି ଥିଲା ଯେ, ଆମେ ଖାଇବାକୁ ପାଇବି ପାରୁ ପୁଣି ନପାଇବି ପାରୁ । ଏସବୁ ହେଉଛି ପ୍ରାଥମିକ ପରୀକ୍ଷା । କହେ କେହି ଏହି ପରୀକ୍ଷା ଦେବା ଆଗରୁ ହିଁ ନିଜେ ନିଜେ ଭାବୁଛନ୍ତି, ତାଙ୍କର ନେତା ହେବାର ଯୋଗ୍ୟତା ଅଛି । ଏହିଭଳି ଲୋକମାନେ ଜୀବନରେ କୌଣସି ବଡ଼ ବିପ୍ଳବୀ ତିଆରି କରି ନାହାନ୍ତି । ନିଜ ହାତରେ ଏମିତି କୌଣସି ଲୋକ ତିଆରି କରି ନାହାନ୍ତି ଯାହାର ବିପ୍ଳବୀ ନିଷ୍ଠା (revolutionary dedication) ରହିଛି । ଜଣେ ଲୋକ ଆରାମରେ, ସୁଖ ସ୍ୱାଛନ୍ଦରେ ସଂସାର ଭିତରେ ଥିଲା, ସେହି ଲୋକଟି ସ୍ୱେଚ୍ଛାରେ ସବୁକିଛି ଛାଡ଼ି ଆସି ଖୁସି ମନରେ ଜଣକର ନେତୃତ୍ୱରେ ଲଢ଼େଇ କରୁଛି । କ'ଣ ଦେଖି ସେ ଆସିବ ? ଖାଲି ବକ୍ତୃତା ଶୁଣି ? ନା । ନେତାର ଜୀବନଟାକୁ ବି ସେ ଦେଖେ, ଯେଉଁ ଜୀବନଟା ପ୍ରକୃତରେ ଏମିତି ଯେ, ମିଥ୍ୟା ପ୍ରଚାର କରି ଗଳ୍ପ ବନେଇ ତାକୁ ଚପେଇ ରଖାଯାଇ ପରେନାହିଁ । ସେହିଭଳି ଆଦର୍ଶ ନେତା ନ ହେଲେ ତ ଚଳେନାହିଁ । କାମ ଚଳେଇବା ପାଇଁ ହଜାରେ ଏକ ନେତା ଦରକାର । ତେବେ ସେହି ଧରଣର ନେତାମାନଙ୍କ ସଂଖ୍ୟା ଆମ ଭିତରେ ବହୁତ କମ୍ । ତେଣୁ ନେତା ହେବାକୁ ଚାହିଁଲେ ଆମେ ଆପତ୍ତି କରୁନା । କିନ୍ତୁ ନେତା ହେବା ପାଇଁ କମ୍ରେଡ୍‌ମାନଙ୍କର ଯେଉଁ ରସ୍ତାରେ ଚାଲିବା ଦରକାର, ସେହି ରାସ୍ତାରେ ନ ଯାଇ ନେତା ହେବା ପାଇଁ ବ୍ୟସ୍ତ ହେଲେ କେବେ ନେତା ହୋଇ ହୁଏନା । ନେତା ହେବାର ସଠିକ୍ ରାସ୍ତାରେ ନ ଆଗେଇଲେ, ସେ ନିଜେ ହିଁ କ୍ରମାଗତ ଭାବେ ନେତା ହେବା ରାସ୍ତାରେ ବଧା ସୃଷ୍ଟି କରି ଚାଲବେ ।

କମ୍ରେଡ୍‌ମାନଙ୍କର ଆଚରଣବିଧି ସମ୍ପର୍କରେ କହିବାକୁ ଯାଇ ଆଉ ଗୋଟିଏ ବିଷୟ ଆଲୋଚନା ହେବା ଦରକାର । ଦେଖାଯାଏ ଅନେକ କର୍ମୀ ନିଜ ଉପରେ ନ୍ୟସ୍ତ ଦାୟିତ୍ୱକୁ ଛାଡ଼ି ଅନ୍ୟ ଜଣଙ୍କ କାମରେ ବହୁତ ଆଗ୍ରହ ପ୍ରକାଶ କରୁଛନ୍ତି । ପ୍ରତ୍ୟେକ ଯଦି ନିଜର କାମ ଛାଡ଼ି ଅନ୍ୟର କାମ ନେଇ ଚିନ୍ତା କରନ୍ତି, ତେବେ ଅବସ୍ଥା କ'ଣ ହେବ ? ଏହିଭାବରେ ପଢ଼ିବାବେଳେ ଖେଳର ଚିନ୍ତା ଆଉ ଖେଳିବା ସମୟରେ ପଢ଼ିବା ଚିନ୍ତା କଲେ ନା ଖେଳାଳି ନା କେହି ପଢ଼ାଳୀ କିଛି ହୋଇ ପାରନ୍ତି ନାହିଁ । ଫଳରେ ପ୍ରତ୍ୟେକ ଯାହାର ଯାହା କରଣୀୟ କାମ, ସେ ତାହା ହିଁ କରିବେ ? ପ୍ରତ୍ୟେକଙ୍କ କାମ ପ୍ରତ୍ୟେକ କରିବା ପରେ ଆହୁରି ବି କାମ ନିଅନ୍ତି– ଏ'ତ ଖୁବ ଭଲ କଥା– ଏହି ଭାବରେ ବ୍ୟକ୍ତିଗତ

ଭାବେ (individually) ଏବଂ ସମଷ୍ଟିଗତ ଭାବେ (collectively) କାମ କରିବାଟା ସମ୍ଭବପର ହୁଏ । ଯିଏ କୌଣସି ଆଳ (excuse) ନ ଦେଖାଇ ଠିକ୍ ଭାବରେ ନିଜର ଦାୟିତ୍ୱ ପାଳନ କରନ୍ତି, ସେ ହିଁ ସମଷ୍ଟି (collective)ରେ ବେଶୀ ଅଂଶ ଗ୍ରହଣ (contribute) କରିପାରନ୍ତି । Collective ବା ସମଷ୍ଟିଗତ କଥାଟା ଏଥିପାଇଁ ସୃଷ୍ଟି ହୋଇନାହିଁ ଯେ, କେହି ନିଜର ବ୍ୟକ୍ତିଗତ ଦାୟିତ୍ୱ ପାଳନ କରିବେ ନାହିଁ । ବ୍ୟକ୍ତିଗତ ଉଦ୍ୟୋଗ ଏବଂ ବ୍ୟକ୍ତିଗତ ଦାୟିତ୍ୱ ପାଳନ ଏକ ବିଶେଷ ପଦ୍ଧତିରେ ସଂଯୋଜିତ ହେବା ମଧ୍ୟ ଦେଇ ସମଷ୍ଟି (collective) ଗଢ଼ି ଉଠେ । ଏହି ଯେଉଁ ପ୍ରତ୍ୟେକଙ୍କ ବ୍ୟକ୍ତିଗତ ଉଦ୍ୟମରେ ଯିଏ ଯାହାର ଦାୟିତ୍ୱ ପାଳନ, ସମଷ୍ଟି (collective) ହେଉଛି ଏସବୁର ଯୋଗଫଳ ଠାରୁ ବି ଅନେକ ବେଶୀ– ଏକ ଅଗ୍ରବର୍ତ୍ତୀ ବିଷୟ (advanced thinking)– ଯେଉଁ ସମଷ୍ଟି (collective) ପୁଣି ପ୍ରତ୍ୟେକଙ୍କୁ ପଥ ନିର୍ଦ୍ଦେଶ (guide) କରିବ, ଅଧିକ ଦକ୍ଷତା ଅର୍ଜନ କରିବାରେ ସାହାର୍ଯ୍ୟ କରିବ– ଏହାରି ନାଆଁ ହେଉଛି ସମଷ୍ଟି (collective) । ସୁତରାଂ ଦେଖାଗଲା ଯେ ପ୍ରତ୍ୟେକ କର୍ମୀର ବ୍ୟକ୍ତିଗତ ଉଦ୍ୟୋଗ ଯଦି ନରହେ ତେବେ ସମଷ୍ଟି (collective) କେବଳ ଗୋଟାଏ କଥାର କଥା ଏବଂ କାମ ନ କରିବା, ଦାୟିତ୍ୱ ପାଳନ ନ କରିବାର ସପକ୍ଷରେ ଏକ ଆଳ ମାତ୍ର ।

ପୁଣି ଅନେକ କର୍ମୀ ଅଛନ୍ତି, ଯେଉଁମାନଙ୍କୁ କାମ କାହିଁକି ହେଉନାହିଁ ପଚାରିଲେ– ଏଟା ହେଉନି, ସେଟା ହେଉନି ସର୍କୁଲାର ମିଳିନାହିଁ । ଏହିଭଳି ନାନା ରକମର ଆଳ ସେମାନେ ଦେଖାନ୍ତି । କର୍ମୀମାନଙ୍କର ସର୍କୁଲାର ନ ପାଇବାଟା ନେତୃତ୍ୱ କ୍ଷେତ୍ରରେ ଯେ ଗୋଟିଏ ଦୋଷ, ଏହା ସତ୍ୟ । କିନ୍ତୁ ଖାଲି ସେଇଥିପାଇଁ ଯେ, ଜଣେ କର୍ମୀ ବସି ରହିବାର, ଅକର୍ମା ହେବାର, ଗପ (gossip) ମାରିବାର ଯୁକ୍ତି କେଉଁଠି ? ଏମିତି କୌଣସି କାମ ଯାହା ନ କଲେ ପାର୍ଟି କାମର କ୍ଷତି ହେବ, ତାକୁ ଯଦି ସେ ସର୍କୁଲାର ପାଇଁ ଅପେକ୍ଷା ନ କରି କାମଟା ସାରି ଆସି ନେତୃତ୍ୱକୁ ଦେଖାଇ ଦେବାରେ ସାହାଯ୍ୟ (pointout) କରନ୍ତି ଯେ, ଏହା ଅଫିସର ତ୍ରୁଟି ତାହାହେଲେ ଏହା ନେତୃତ୍ୱକୁ ବି ତ୍ରୁଟିହୀନ କରିବାରେ କାର୍ଯ୍ୟକାରୀ ଭାବରେ ସାହାଯ୍ୟ କରେ ଏବଂ ନୂଆ ନୂଆ କର୍ମୀମାନଙ୍କୁ ବି ଉତ୍ସାହିତ (inspire) କରେ । ଅଥଚ ଅନେକ କର୍ମୀଙ୍କ କ୍ଷେତ୍ରରେ ଏହି ବିଷୟଟିର ଅଭାବ ପରିଲକ୍ଷିତ ହୁଏ । ଏପରିକି ଦୈନନ୍ଦିନ ରୁଟିନ୍ ଅନୁଯାୟୀ କାମ, ତାହା ବି ହୁଏନାହିଁ । ପଚାରିଲେ କୁହନ୍ତି ନିର୍ଦ୍ଦେଶ ଆସିନି ଅଥବା ଅଫିସରୁ କିଛି ହିଁ ଦିଆ ହୋଇନି, ସେଥିପାଇଁ ହେଉ ନାହିଁ । ନେତାମାନଙ୍କୁ ଯଦି ହଜାରେ ଜଣ କର୍ମୀଙ୍କ କାମ ପ୍ରତିଦିନ ପ୍ରସ୍ତୁତ କରି ଦେବାକୁ ପଡ଼େ,

ତାହାହେଲେ ଅସମ୍ଭବ । ପାର୍ଟିର ଏକ ସାଧାରଣ (general) କର୍ମଧାରା ଅଛି- ଅର୍ଥାତ୍ କିଭଳି ଭାବରେ କାମ କରିବାକୁ ହେବ, କେଉଁ ଭାବରେ ପ୍ରଚାର କରିବାକୁ ହେବ, ଆମର ନୀତି କ'ଣ- ଏସବୁ ବିଷୟ କହିଦିଆଯାଇଛି । ଆଉ କମ୍ରେଡ୍‌ମାନଙ୍କ କାମ ହେଉଛି, ସେହି ନୀତି ଅନୁଯାୟୀ ପ୍ରତିଦିନ କାମ ସୃଷ୍ଟି କରିନେବା, ଜନସଂଯୋଗ ସୃଷ୍ଟି କରିବା, ପରିକଳ୍ପନା କରିବା ଇତ୍ୟାଦି । ଏହା ହେଉଛି ପ୍ରତିଟି କମ୍ରେଡ୍‌ଙ୍କ ବ୍ୟକ୍ତିଗତ ଉଦ୍ୟୋଗର ଦିଗ । କିନ୍ତୁ ଯେତେବେଳେ କୌଣସି କମ୍ରେଡ୍‌ଙ୍କ କ୍ଷେତ୍ରରେ ଦେଖାଯାଏ ତାହା ବିଲ୍‌କୁଲ୍ ହେଉନାହିଁ, ସେତେବେଳେ ହୁଏତ ନେତୃତ୍ୱ ତରଫରୁ ତାଙ୍କୁ ପୁରାପୁରି ଦୈନନ୍ଦିନ କାମର ପୁଙ୍ଖାନୁପୁଙ୍ଖ ବିଷୟ (details) ସବୁ କହି ଦେବାକୁ ପଡ଼େ, ଯଦିଓ ମୁଁ ମନେକରେ ତାହା ସବୁବେଳେ ଠିକ୍ ନୁହେଁ । କାରଣ, ଶେଷ ପର୍ଯ୍ୟନ୍ତ ତା'ର ଫଳ ଭଲ ହୁଏନାହିଁ । ଏଥିଯୋଗୁ କର୍ମୀମାନଙ୍କ ବ୍ୟକ୍ତିଗତ ଉଦ୍ୟୋଗ ଚିନ୍ତାଶକ୍ତି (contemplation) କଳ୍ପନାଶକ୍ତି (imagination) ନଷ୍ଟ ହୋଇଯାଏ ।

ଆଚରଣବିଧି ସମ୍ପର୍କରେ ଆହୁରି ବି ବହୁ ବିଷୟ ଆଲୋଚନା କରିବାର ଅଛି । କିନ୍ତୁ ଗୋଟିଏ କର୍ମୀ ସଭାରେ ସବୁ ବିଷୟ ଆଲୋଚିତ ହେବା ସମ୍ଭବ ନୁହେଁ । ଭବିଷ୍ୟତରେ ଅନ୍ୟ ସଭାରେ ଏ ବିଷୟରେ ଅଧିକ ବକ୍ତବ୍ୟ ରଖିବା ପାଇଁ ଚେଷ୍ଟା କରିବି । ଏହି ପର୍ଯ୍ୟାୟରେ ଆଲୋଚନା ଏଇଠି ହିଁ ଶେଷ ହେଲା ।